# ଭାଇଚାରାର ପର୍ବ ଗୋଠପୂଜା, ଧିଙ୍ଗୁଆନ ଯାତ୍ରା

**କାଳିଆପାଣି,୨୬।୧୦(ଡିଏନଏ)**

କୁଡ୍ମୀ ସମ୍ପ୍ରଦାୟର ପାରମ୍ପରିକ ସାଂସ୍କୃତିକ ପୂଜାବିଧିରେ ଗୋଠପୂଜା ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥାଏ। ଦୀପାବଳି ପର୍ବ ଅବସରରେ କୃଷି ପାଇଁ ସାହାଯ୍ୟ କରୁଥିବା ଗାଈ, ମଇଁଷି ଆଦିଙ୍କୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ଓ ଖାଇବା, ପିଇବା ବ୍ୟବସ୍ଥା କୁଡ୍ମୀ ସମ୍ପ୍ରଦାୟ ପକ୍ଷରୁ କରାଯାଇଥାଏ। ଦୀପାବଳି ଦିନ କୁଡ୍ମୀ ସମାଜ ପକ୍ଷରୁ ସ୍ୱତନ୍ତ୍ର ଗୋଠପୂଜା କରାଯାଏ। ଏହି ଗୋଠପୂଜା ପାଳନ ଅବସରରେ ପୁରା ରାତି ଧିଙ୍ଗୁଆନ ବା ଭାଇଚାରାର ଭେଟଘାଟ କରିବାକୁ ଗ୍ରାମବାସୀମାନେ ଗ୍ରାମର ସମସ୍ତଙ୍କ ଘରକୁ ଯାଇ ପ୍ରଚଳିତ ଝୁମର, ଚାଞ୍ଚର, ଗୋରୁଗାଇଙ୍କ ନିମନ୍ତେ ଉଦ୍ଦିଷ୍ଟ ଲୋକ ଗୀତ ଗାଇବା ସହ ଯାଇଥିବା ପରିବାର ତରଫରୁ ଦିଆଯାଇଥିବା ବିଭିନ୍ନ ପିଠାପଣା ଖାଇ ନାଚ କରି ରାତି କଟାଇଥାନ୍ତି। ବର୍ଷାଧିକ କାଳ ଗ୍ରାମ ଓ ଗ୍ରାମ ମଧ୍ୟରେ କୌଣସି କାରଣକୁ ନେଇ ତିକ୍ତତା ରହିଥିବାବେଳେ ଏହି ଦିନ କୁଡ୍ମୀ ସମ୍ପ୍ରଦାୟ ପୁରୁଷମାନେ ସେହି ଗ୍ରାମକୁ ଯାଇ ଭାଇଚାରାକୁ ବଜାୟ ରଖିବାକୁ ଭେଟଘାଟ କରିଥାନ୍ତି। ମାଦଳର ତାଳେ ତାଳେ ନାଚଗୀତ କରିବା ସହ ପ୍ରତି ଘରକୁ ଯାଇ ଭାବର ଆଦାନ ପ୍ରଦାନ କରିଥାନ୍ତି। ଗୋଠପୂଜାରେ ଗୋରୁଙ୍କୁ ଗାଧୋଇ ଦେଇ ଶରୀର ଓ ସିଙ୍ଗରେ ତେଲ ମାଲିସ କରାଯାଇଥାଏ। ଦୀପାବଳି ସନ୍ଧ୍ୟାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଗ୍ରାମ ମୁଣ୍ଡ ଗାଇଗୋଠରେ ଗ୍ରାମଦେବୀଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଏ। ଦୀପାବଳି ସନ୍ଧ୍ୟା ପୂର୍ବରୁ ଗ୍ରାମର ଦେଶପ୍ରଧାନ (ପୂଜକ) ସକାଳୁ ଉପବାସ ରହି ପୂଜାବିଧି ସ୍ଥଳରେ ସମସ୍ତ ଗ୍ରାମବାସୀ ନିଜ ଗୋରୁଙ୍କୁ ନେଇ ପହଞ୍ଚିବା ପରେ ଅଣ୍ଡା ମଡ଼ା ପର୍ବ ହୋଇଥାଏ। ପୂଜକ ପୂଜାସ୍ଥଳ ପ୍ରସ୍ତୁତ କରି ପୂଜା କରିଥାନ୍ତି। ସେଠାରେ ଏକ କୁକୁଡ଼ା ଅଣ୍ଡା ରଖି ଗୋରୁଙ୍କୁ ପଶ୍ଚିମଦିଗରୁ ପୂର୍ବକୁ ଗ୍ରାମବାସୀ ଘଉଡ଼ାଇ ଥାନ୍ତି। ଯେଉଁ ପରିବାରର ଗୋରୁ ଅଣ୍ଡାକୁ ଗୋଇଠା ମାରିଥାଏ ସେ ଗୋରୁକୁ ଧରିବା ସହ ତା ମୁଣ୍ଡରେ ସିନ୍ଦୁର ମାରି ଚିହ୍ନଟ କରିଥାନ୍ତି। ଅଣ୍ଡାମଡ଼ା ପରେ ଅଣ୍ଡା ମାଡ଼ିଥିବା ପରିବାର ମୁଖ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସନ୍ଧ୍ୟାରେ ତାଙ୍କ ଘରେ ସାମୂହିକ ଭୋଜନ କରିଥାଆନ୍ତି। ପୂଜା ପରେ ଗ୍ରାମ ମୁଣ୍ଡରେ ଚାଉଳ, ଚୂନା ଓ ବଳି ପଡ଼ିଥିବା କୁକୁଡ଼ା ମାଂସରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ତାହାକୁ ସମସ୍ତ ପରିବାରର ପୁରୁଷମାନେ ଭୋଗ ପାଇଥାନ୍ତି। ପରେ ନାଚ ଗୀତ କରି ପୂଜକଙ୍କୁ ତାଙ୍କ ଘରେ ପହଞ୍ଚାଇଥାନ୍ତି। ପରେ ଧିଙ୍ଗୁଆନ ଯାତ୍ରା ରାତି ତମାମ ପାଳନ କରିଥାନ୍ତି। ସକାଳେ ଗ୍ରାମ ରାସ୍ତାରେ ଗୀତ ଗାଇ ନାଚ କରିବା ସହ ବର୍ଷଟି ସୁଖ ସମୃଦ୍ଧିରେ କଟୁ ଓ ଗୃହପାଳିତ ପଶୁଙ୍କର କୌଣସି ରୋଗ ନ ହେଉ ବୋଲି ଗ୍ରାମବାସୀ ଗ୍ରାମଦେବୀଙ୍କୁ ପ୍ରାର୍ଥନା କରି ଶେଷ ନମସ୍କାର କରିବା ପରେ ଘରକୁ ଫେରିଥାନ୍ତି।


ଗୋଠପୂଜାବେଳେ ଆୟୋଜିତ ଅଣ୍ଡା ମଡ଼ା ପର୍ବ।

- କୁଡ୍ମୀ ସମ୍ପ୍ରଦାୟର ସ୍ୱତନ୍ତ୍ର ପର୍ବ
- ପୂଜା ପାଆନ୍ତି ଗୋରୁ
- ଆନନ୍ଦିତ କରେ ଗୋରୁଙ୍କ ଅଣ୍ଡା ମଡ଼ା ପର୍ବ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ପ୍ରତିଯୋଗିତା

**ଯାଜପୁର ଟାଉନ,୨୬।୧୦(ଡିଏନଏ):** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଯାଜପୁର ଜିଲାସ୍ତରୀୟ ପ୍ରତିଯୋଗିତା ଶନିବାର ଜିଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ବିଦ୍ୟାଳୟସ୍ତରରେ ୮ମରୁ ୧୦ମ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏଲିଜା ପ୍ରିୟଦର୍ଶିନୀ ମହାପାତ୍ର ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକର ଛାତ୍ରୀ ବିଦିଶା ପଣ୍ଡା ଦ୍ୱିତୀୟ, ବିଧାନଚନ୍ଦ୍ର ଏକାଡେମୀ, ବାଲିଆପାଳର ଛାତ୍ରୀ ସଂଗୀତା ବେହେରା ତୃତୀୟ ହୋଇଥିଲେ। ସେହିପରି ମହାବିଦ୍ୟାଳୟସ୍ତରରେ ଚିତାଲୋ ମହାବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ଦାସ ପ୍ରଥମ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଛାତ୍ର କେଶରୀ ପ୍ରସାଦ ମହାନ୍ତି ଦ୍ୱିତୀୟ, ଗୁରୁକୁଳ କଳିଙ୍ଗ ଯୁକ୍ତ ୨ ଆବାସିକ ମହାବିଦ୍ୟାଳୟର ଛାତ୍ରୀ ଅନିଶା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟସ୍ତରରେ ସନ୍ ପବ୍ଲିକ ସ୍କୁଲ ଛାତ୍ର ଶ୍ରଷ୍ଟାଦତ୍ତ ମିଶ୍ର ପ୍ରଥମ, ଭୌମେଶ ପାତ୍ର ଦ୍ୱିତୀୟ ଓ ଶୁଭ୍ରକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହାବିଦ୍ୟାଳୟସ୍ତରରେ ସାହିଲ ମହାପାତ୍ର ପ୍ରଥମ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, ସତ୍ୟ ରଞ୍ଜନ ରାଉତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.୧୩୩ସିଇସିଟିଆର୍‌ବିଏସ୍‌ପି୧୯୦୫ ତାରିଖ: ୨୩।୧୦।୨୦୧୯, ତାରିଖ: ଖୋଲାଯିବାର ଧାର୍ଯ୍ୟ ତାରିଖ ୨୨।୧୧।୨୦୧୯। କାର୍ଯ୍ୟ: ନିମ୍ନଲିଖିତ ସାମଗ୍ରୀର ବିନିର୍ମାଣ ଓ ଯୋଗାଣ (୧) ଫ୍ୟାନ୍ ଆକୃତିର ଟର୍ନଆଉଟ୍ ସ୍ଲିପର୍ସ ୧୨ରେ ୧ର ସେଟ୍, ୬୦ କିଗ୍ରା। ଲେଆଉଟ୍ ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଟି-୪୨୧୮ ଅନୁରୂପ, (୨) ଫ୍ୟାନ୍ ଆକୃତିର ଟର୍ନ ଆଉଟ୍ ସ୍ଲିପର୍ସ, ୮ ୧/୨ରେ ୧ର ସେଟ୍, ୬୦ କିଗ୍ରା। ଲେଆଉଟ୍ ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଟି-୪୮୬୫ ଅନୁରୂପ, (୩) ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଟି-୬୦୬୮ ଅନୁରୂପ ୬୦ କିଗ୍ରା ଡିରେଲିଂ ସ୍ୱିଚ୍ ବିଛାଇବା ପାଇଁ ପିଏସ୍‌ସି ଡିରେଲିଂ ସ୍ୱିଚ୍ ସ୍ଲିପର୍ ସେଟ୍। ପରିମାଣ: (୧) ୯୨ ସେଟ୍, (୨) ୮୨ ସେଟ୍, (୩) ୩୧ ସେଟ୍। ଟେଣ୍ଡର ମୂଲ୍ୟ: ୬,୫୭,୪୨,୨୨୧,/- (ଛଅ କୋଟି ସତାବନ ଲକ୍ଷ ବୟାଳିଶ ହଜାର ଦୁଇ ଶହ ଏକୋଇଶ ଟଙ୍କା ମାତ୍ର)। ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ: । ଇଏମ୍‌ଡି: ୧୩,୧୪,୮୫୦/- (ତେର ଲକ୍ଷ ଚଉଦ ହଜାର ଆଠଶହ ପଚାଶ ଟଙ୍କା ମାତ୍ର)। ଟେଣ୍ଡର ସମାପ୍ତି: ତା୨୨।୧୧।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ସଂଗ୍ରହଣ ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.in, https://www.secr.indianrailways.gov.in ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

ଏକଜିକ୍ୟୁଟିଭ୍ ଇଞ୍ଜିନିୟର/ସିଓଏନ/ଟିଆଣ୍ଡଏସ୍
CPR/10/299 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @secrail

## ଲଗାଣ ବର୍ଷାରେ ଚାଷୀ ହତାଶ

# ଶତାଧିକ ହେକ୍ଟର ବିରି ଫସଲ ନଷ୍ଟ

**ବାଲିଚନ୍ଦ୍ରପୁର,୨୬।୧୦(ସ୍ୱ.ପ୍ର.)**

୨ଦିନ ଲଗାଣ ବର୍ଷରେ ବଡ଼ଚଣା ବ୍ଲକର ଅସିଆଗଡ, ଚାରିନଙ୍ଗଳ, ପତରାଜପୁର, ଗୋପାଳପୁର, ବାଲିପଡ଼ିଆ, ରଇପୁର, ସାଉଡିଆ, ବରପଦା, କୋଲଣଗିରି ଆଦି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶହ ଶହ ହେକ୍ଟର ଚାଷଜମି ବୁଡି ରହିଥିବାରୁ ବ୍ୟାପକ ଫସଲ ହାନୀ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ଚାଷୀଙ୍କ ମୁଖ୍ୟ ଅର୍ଥକାରୀ ଫସଲ ବିରି ଫସଲ ନଷ୍ଟ ହୋଇଯାଇଛି। ୨ଦିନ ବର୍ଷାରେ କେଉଁଠି ବିରି ଗଛ ସବୁ ପଚିଯାଇଛି ତ' କେଉଁଠି ନିକଟରେ ବୁଣାଯାଇଥିବା ବିରି ବିହନ ସବୁ ନଷ୍ଟ ହୋଇଛି। ଅସିଆଗଡ ପାଟରେ ତିନିଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ପ୍ରଭାବିତ ହୋଇଥିବାବେଳେ ଚାରିନଙ୍ଗଳ, ପତରାଜପୁର, ସାଉଡିଆ, ରଇପୁର, ବରପଦା ଆଦି ସ୍ଥାନରେ ପାଖାପାଖି ହଜାର ହେକ୍ଟର ଚାଷଜମିରେ ବିରି ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଚାଷଜମିରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଚାଷୀମାନେ କ୍ଷତି ସହୁଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ କ୍ଷୟକ୍ଷତି ଆକଳନ କରାଯିବା ସହ ସହାୟତା ରାଶି ଯୋଗାଇ ଦେବାକୁ ଚାଷୀମାନେ ଦାବିକରିଛନ୍ତି। ଅପରପକ୍ଷରେ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଅଶୋକ କୁମାର ଶାନ୍ତି ଚାଷୀମାନଙ୍କୁ ବିହନ ଯୋଗାଇ ଦେବା ସହ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ଛତିଆ,୨୬।୧୦(ଡିଏନ୍ଏ)**

ବୈରୀ ଥାନା ବନ୍ତଳା ପଞ୍ଚାୟତ ବନ୍ତଳା ଗ୍ରାମର ଦଳିତ ସାହିରେ ନିଆଁ ଲାଗି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଶନିବାର ସକାଳେ ଗୋଲକ ଚନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ସୋଲି ରୋଷେଇ କରୁଥିବାବେଳେ ଚୁଲିରୁ ନିଆଁ ଲାଗି ଯାଇଥିଲା। ଗୋଲଖ ଦୀର୍ଘଦିନ ହେବ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡି ରହିଥିଲେ। ପଡିଶା ଲୋକେ ତୁରନ୍ତ ଘରୁ ଗୋଲକଙ୍କୁ ବାହାରକୁ ନେଇ ଆସିଥିଲେ। ମାତ୍ର ନିମିଷକ ମଧ୍ୟରେ ସୋଲିଙ୍କ ୨ ବଖରା ଚାଳ ଛପର ଘର ସହିତ ସମସ୍ତ ଆସବାବପତ୍ର ଓ ସେ ସଞ୍ଚୟ କରିଥିବା କିଛି ଟଙ୍କା ମଧ୍ୟ ପୋଡି ପାଉଁଶ ହୋଇଯାଇଥିଲା। ବନ୍ଥାଳ ରାଜସ୍ୱ ନିରୀକ୍ଷକ ତାଙ୍କ ନିକଟରେ ପହଞ୍ଚି ଆବଶ୍ୟକ ଜିନିଷପତ୍ର ଦେବା ସହିତ ତହସିଲଦାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରକ୍ତଦାତାଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୨୬।୧୦(ଡିଏନଏ)**

ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଶନିବାର ଭୁବନେଶ୍ୱରପୁର, ବିଚିତ୍ରପୁର, ପଣସା, ମାଳଆନନ୍ଦପୁର ଓ ମହେଶ୍ୱରପୁର ପଞ୍ଚାୟତଗୁଡିକରେ ପୂର୍ବରୁ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ଅଶୋକ ଦାସ ଫାଉଣ୍ଡେଶନ ଓ ଜିଲା ରେଡକ୍ରଶ ସୋସାଇଟି ପକ୍ଷରୁ ଧନ୍ୟବାଦ ଓ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାତାଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ କରିବା ପାଇଁ ସେମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଶୋକ ଦାସ ଫାଉଣ୍ଡେଶନ୍ ପକ୍ଷରୁ ପ୍ରତି ସପ୍ତାହରେ ଗୋଟିଏ ପଞ୍ଚାୟତର ରକ୍ତଦାତାମାନେ ସ୍ୱଇଚ୍ଛାରେ ରକ୍ତଦାନ କରିଆସୁଛନ୍ତି। ଏହି ଶିବିରରେ ପ୍ରତ୍ୟେକ ପଞ୍ଚାୟତ ପିଛା ୫୨ ୟୁନିଟ୍ ଲେଖାଏଁ ରକ୍ତ ସଂଗ୍ରହ କରାଯାଉଛି। ଏହି ରକ୍ତକୁ ଜିଲାରେ ପୀଡିତ ଥିବା ଥାଲେସେମିଆ ରୋଗୀଙ୍କ ପାଇଁ ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ରକ୍ତଦାତାଙ୍କୁ ସ୍ୱାଗତ କରିବା ସହିତ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯଯାତି କେଶରୀ ଦାସ ଫାଉଣ୍ଡେଶନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରି ରକ୍ତଦାନ ଦେଇ ଅନ୍ୟର ଜୀବନ ବଞ୍ଚାଇବାଠାରୁ ମହାପୂଣ୍ୟ ଜଗତରେ କିଛି ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଦେଓ ପରିଚାଳନା କରିଥିବାବେଳେ ସୁକନ୍ୟାର କଳାକାରମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତଥିବା ରକ୍ତଦାତାମାନେ।

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 09/ET/SBP/ENGG/ 2019-20, ତା. 17.10.2019 ରିଖ

1. ଇ-ଟେଣ୍ଡର ସଂ.29-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି-ଥେରୁବାଲି ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକ ବ୍ୟବସ୍ଥା ଏବଂ ଟିଟିଲାଗଡ଼ ଷ୍ଟେସନ ଠାରେ 02 ଗୋଟି ଲିଫ୍ଟ (Lift) ର ସମ୍ପାଦନ ସମ୍ବନ୍ଧୀୟ ସମ୍ପର୍କିତ ସିଭିଲ୍ ଇଂଜିନିୟରିଂ କାର୍ଯ୍ୟସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 65,04,596.28, EMD (ଟଙ୍କାରେ) : 1,30,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

2. ଇ-ଟେଣ୍ଡର ସଂ.30-eT-SDENW-SBP-19
କାର୍ଯ୍ୟର ନାମ : ରେଳବାଇ ବିନିର୍ଦ୍ଦେଶନ (Specification) ଅନୁଯାୟୀ ରେଳବାଇ ଲ୍ୟାଣ୍ଡ / ଖଦାନ ବାହାରୁ କଣ୍ଟାବାଞ୍ଜି ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ 50,000 ଘନ ମିଟର ଟ୍ରାକ୍ ବାଲାଷ୍ଟ (Ballast)ର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 6,05,60,000/-, EMD(ଟଙ୍କାରେ) : 4,52,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

3. ଇ-ଟେଣ୍ଡର ସଂ.31-eT-SDENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆରଙ୍ଗ ମହାନଦୀ-ବେଲସୋଣ୍ଡା ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ.77 ର ଗ୍ୟାଙ୍ଗ୍ ପାଥ (Path)ରେ ଷ୍ଟାଣ୍ଡାର୍ଡ ପ୍ରସ୍ଥ (800 mm) ଚେକର୍ଡ ପ୍ଲେଟ୍ ସହିତ ନନ୍-ଷ୍ଟାଣ୍ଡାର୍ଡ ଚେକର୍ଡ ପ୍ଲେଟ୍ ଏବଂ କୋମାଖାନ-ଖରିଆର ରୋଡ୍ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ.161 ରେ 368 ଗୋଟି ସ୍ଲିପର ନିମନ୍ତେ ବ୍ରିଜ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 92,72,373.96, EMD (ଟଙ୍କାରେ): 1,85,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

4. ଇ-ଟେଣ୍ଡର ସଂ.24-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସାଟେଲାଇଟ୍ ଡିପୋ/ବଲାଙ୍ଗୀର ଠାରେ 06 ଗୋଟି କୋଚ୍‌ଗୁଡ଼ିକର କ୍ୟାମ୍ପିଙ୍ଗ୍ କୋଚ୍ (କାରଖାନା ସହ ବିଶ୍ରାମ ଭ୍ୟାନ୍)ରେ ପରିବର୍ତ୍ତନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 94,73,840.24, EMD (ଟଙ୍କାରେ) : 1,89,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

5. ଇ-ଟେଣ୍ଡର ସଂ.28-eT-SDENE-SBP-19
କାର୍ଯ୍ୟର ନାମ : ବରଗଡ଼ ରୋଡ୍-ଟିଟିଲାଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ କଲୋନୀଗୁଡ଼ିକ ଠାରେ କ୍ଷତିଗ୍ରସ୍ତ /ଭଗ୍ନ ସେପ୍ଟିକ୍ ଟାଙ୍କିଗୁଡ଼ିକର ମରାମତି ଏବଂ ବିଭିନ୍ନ ଷ୍ଟେସନ ଠାରେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ଅନ୍ୟ ସର୍ଭିସ୍ ବିଲ୍ଡିଂଗୁଡ଼ିକର ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 98,80,820.87, EMD (ଟଙ୍କାରେ): 1,97,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 08 (ଆଠ) ମାସ ।

6. ଇ-ଟେଣ୍ଡର ସଂ.29-eT-DENC-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର 05 ଗୋଟି ରେଳ ଷ୍ଟେସନ ବରଗଡ଼ ରୋଡ୍, ବଲାଙ୍ଗୀର, ନୂଆପଡ଼ା, ମହାସମୁନ୍ଦ ଏବଂ ଭବାନୀପାଟଣା ଠାରେ ସ୍ମାରକୀୟ ହାଇ ମାଷ୍ଟ ଜାତୀୟ ପତାକା ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 49,42,707.30, EMD (ଟଙ୍କାରେ) : 98,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.11.2019ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ),
PR-455/K/19-20 ସମ୍ବଲପୁର

## ପିଇଓ ସ୍ମିତାରାଣୀ ସନ୍ଦେହଜନକ ମୃତ୍ୟୁ ଘଟଣା

# ଜିଲାର ସମସ୍ତ ଥାନାରେ ଏତଲା ଦେଲା ଭାଜପା

**ଧର୍ମଶାଳା ୨୬।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ ପରେ ଯାଜପୁର ଏସ୍‌ପି ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଶନିବାର ରାଜ୍ୟ ଭାଜପା ନିର୍ଦ୍ଦେଶ କ୍ରମେ ଧର୍ମଶାଳା ବ୍ଲକ ଭାଜପା ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏସ୍‌ପି ଘଟଣାର ନିରପେକ୍ଷ ତଦନ୍ତ ନ କରି ଅଭିଯୁକ୍ତଙ୍କ ବୟାନକୁ ଆଧାରକରି ଗଣମାଧ୍ୟମ ଆଗରେ ଯେଉଁ ସୂଚନା ଦେଇଛନ୍ତି ତାହା ମୃତ ସ୍ମିତାଙ୍କ ଚରିତ୍ର ସଂହାର କରିଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଶନିବାର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟ ରମେଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଧର୍ମଶାଳା ବାଣୀପୀଠ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଏସ୍‌ପିଙ୍କ ଚରଣ ସିଂ ମୀନାଙ୍କ ବିରୋଧରେ ଏତଲା ଦେଇଥିଲେ। ଏଥିରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମୋନାଲିସା ଦାଶ, ଅଧିର କୁମାର ଜେନା, ଚନ୍ଦ୍ରମଣି ପଣ୍ଡିତ, ମହେନ୍ଦ୍ର ପଣ୍ଡା, ସଞ୍ଜୟ ଲେଙ୍କା, ଶରତ ଓଝା, ବିବେକ ଗନ୍ତାୟତ, ମନୋଜ ରାଉଳ, ପ୍ରମୁଖ ସାମିଲ ହୋଇଥିଲେ।

### ବିଞ୍ଝାରପୁର

ପିଇଓ ସ୍ମିତାରାଣୀ ବିଶ୍ୱାଳ ଘଟଣାରେ ଏସ୍‌ପିଙ୍କ ମନ୍ତବ୍ୟକୁ ନିନ୍ଦା କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଞ୍ଝାରପୁର ଭାଜପା ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ବରିଷ୍ଠ ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କୁ ଏତଲା ଦେଇଥିଲେ।

### ବ୍ୟାସଦେବ ମଣ୍ଡଳ

ଓଡ଼ିଶା ଭାଜପା ପ୍ରଦେଶ ଆହ୍ୱାନରେ ଶନିବାର ବ୍ୟାସଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ନେତୃତ୍ୱରେ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନାମରେ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ଯାଜପୁର ଆରକ୍ଷୀ ଅଧିକ୍ଷକ ଲୋକମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା ପରିବର୍ତ୍ତେ ସ୍ମିତାରାଣୀ ହତ୍ୟାକାଣ୍ଡର ୧୧ ଦିନ ବିତିଯାଇଥିଲେ ମଧ୍ୟ ଗେଷ୍ଟ ହାଉସରେ ଥିବା ଶାସକ ବିଜେଡ଼ି ନେତା ଏବଂ ରାମ୍‌କୋ ଅଧିକାରୀଙ୍କୁ ଏକ ପ୍ରକାର ସୁରକ୍ଷା ଦିଆଯାଇଛି। ବେଆଇନ ଭାବେ ନର୍ମିତ ଗେଷ୍ଟହାଉସ ଓ ବିନା ଜନଶୁଣାଣିରେ ନିର୍ମାଣାଧିନ ରାମ୍‌କୋ ସିମେଣ୍ଟ ଉପରେ କୌଣସି ବିହିତ ପଦକ୍ଷେପ ନିଆଯାଇ ନାହିଁ। ତଦନ୍ତକୁ ବାଟବଣା କରିବାପାଇଁ ସ୍ମିତାରାଣୀଙ୍କ ମୃତ୍ୟୁପରେ ବି ତାଙ୍କ ଚରିତ୍ରକୁ ରାଜରାସ୍ତାରେ ହତ୍ୟା କରାଯାଇଛି। ଆରକ୍ଷୀ ଅଧିକ୍ଷକ ସମ୍ପୂର୍ଣ୍ଣ ତଦନ୍ତ ନ ସରୁଣୁରୁ ତଦନ୍ତ ପରିସମାପ୍ତି କରିଦେବାପାଇଁ ପ୍ରୟାସ କରୁଛନ୍ତି। ତେଣୁ ଏସ୍‌ପିଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ମଣ୍ଡଳ ପକ୍ଷରୁ ଦାବି କରାଯାଇଛି। ଏହିଅବସରରେ ବରିଷ୍ଠ ନେତା ଗୁଣନିଧି ଗୁରୁ, ଦଳର ଉପସଭାପତି ସରୋଜ କୁମାର ଦେ, ଯୁବନେତା ଅସିତ କୁମାର ଦାସ ଓ ମହିଳା ମୋର୍ଚ୍ଚାର ସଭାପତି ସବିତା ଖୁଣ୍ଟିଆ, ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ମିଲି ମହାଳିକ, ଜାନକୀ ଜେନା, ମଞ୍ଜୁଲତା ସାହୁ, ମିତାରାଣୀ ଦାସ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ରତ୍ନଗିରି/ବରୀ

ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ନ ହେବାରୁ ଶନିବାର ଏସ୍‌ପିଙ୍କ ବିରୋଧରେ ବରୀ ଭାଜପା ନେତା ବିଶ୍ୱ ରଞ୍ଜନ ମଲିକଙ୍କ ନେତୃତ୍ୱରେ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ କରିବା ସମୟରେ ବରୀ ବ୍ଲକ ଅଧକ୍ଷା ସୁବାଶିନୀ ଶର୍ମା, ସରପଞ୍ଚ ଶ୍ରୀଧର ଧଳ, ପତିତପାବନ ଆରକ୍ଷ୍ୟ, ବିଜୟ ସାହାଣୀ, ସବିତା ସାମଲ, ଅର୍ଚ୍ଚନା ସାମଲ, ରମାକାନ୍ତ ମଲ୍ଲିକ, ବିରେନ୍ଦ୍ର ମିଶ୍ର, ଗିନାରାଣୀ ଧଳ, ସୁଶାନ୍ତ ମଲ୍ଲିକ, ବିଜୟାଲକ୍ଷ୍ମୀ ସେଠୀ, ଅକ୍ରୁର ମଲିକ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଡୁବୁରୀ/କାଳିଆପାଣି

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କର ରହସ୍ୟଜନକ ମୃତ୍ୟୁ ଘଟଣାରେ ଯାଜପୁର ଏସ୍‌ପିଙ୍କ ବିବାଦୀୟ ଭୂମିକାକୁ ଦାୟୀ କରି ସ୍ଥାନୀୟ ଅଞ୍ଚଳର ଭାଜପା କର୍ମୀମାନେ ଶନିବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ଏକ ଏତଲା କଳିଙ୍ଗନଗର ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଇଥିବା ଭାଜପା ପକ୍ଷରୁ ବିଶ୍ୱଜିତ୍ ରାଜ, ପ୍ରେମନାରାୟଣ ଦାସ, ନଟବର ଦେଓ, ରାଜ କିଶୋର ବାରିକ, କୃଷ୍ଣଚନ୍ଦ୍ର ମହାନ୍ତ, ଶଶୀବ୍ରତ ସ୍ୱାଇଁ, ଜ୍ଞାନରଞ୍ଜନ ସାହୁ, ତପଧନ ଦେଓ ପ୍ରମୁଖଙ୍କ ପକ୍ଷରୁ କୁହାଯାଇଛି। ସେହିପରି କାଳିଆପାଣି ଥାନାରେ ମଧ୍ୟ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ଏହି ଅବସରରେ ସୁକିନ୍ଦା ଖଣି ଅଞ୍ଚଳର ଭାଜପା ନେତା ଦିଲୀପ ପାତ୍ର, ଦଶରଥ ମହାନ୍ତ, ଲମ୍ବୋଦର ମହାନ୍ତ, ସାଗର ନାୟକ, ଦେବେନ୍ଦ୍ର ମହାନ୍ତ, ନରୋତ୍ତମ ମହାନ୍ତ, ସୁଶାନ୍ତ ମହାନ୍ତ, ସଚ୍ଚିଦାନନ୍ଦ ମୁର୍ମୁ, ବାବୁରାମ ଦେହୁରୀ, ବାବୁରାମ ଦେହୁରୀ ପ୍ରମୁଖ ଶନିବାର ଅପରାହ୍ନରେ କାଳିଆପାଣି ଥାନାରେ ପହଞ୍ଚି ଏସ୍‌ପିଙ୍କ ନାମରେ ଏକ ଲିଖିତ ଏତଲା ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ପ୍ରଦାନ କରିଥିଲେ।

### ଜେନାପୁର

ଜେନାପୁର ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ଜିଲା ଆରକ୍ଷୀ ଅଧିକ୍ଷକ ଦେଇଥିବା ବୟାନ ପ୍ରତିବାଦରେ ଜେନାପୁର ଥାନାରେ ଏତଲା ଦିଆଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜେନାପୁର ଥାନାଅଧିକାରୀ ଶୁସାନ୍ତ କୁମାର ଦାସଙ୍କୁ ଏସ୍‌ପିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏସପି ଜଣେ ମୃତା ମହିଳାଙ୍କ ଚରିତ୍ର ହନନ କରିଥିବାରୁ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଥିବା ବେହୁରା ସୂଚନା ଦେଇଛନ୍ତି। ଭାଜପା କର୍ମୀ ଆର୍ତ୍ତତ୍ରାଣ ସ୍ୱାଇଁ, ସୁବାସଚନ୍ଦ୍ର ସେଠୀ, ଶଶିଭୂଷଣ ସ୍ୱାଇଁ, ବଳରାମ ଦାସ, ସୁଶାନ୍ତକୁମାର ବେହେରା, ମନୋଜକୁମାର ମାହାନ୍ତି, ବିପିନବିହାରି ଓଝା ପ୍ରମୁଖ ଥାନାଧିକାରୀଙ୍କୁ ଭେଟିଥିଲେ।



ଜେନାପୁର ଥାନା ଅଧିକାରୀଙ୍କୁ ଏତଲା ଦିଆଯାଉଛି।

### ଯାଜପୁର ଟାଉନ

ଧର୍ମଶାଳା ବ୍ଲକ ହରିଦାସପୁର ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁରେ ଯାଜପୁର ଭାଜପା ପକ୍ଷରୁ ଶନିବାର ପ୍ରତିବାଦ କରାଯାଇ ଯାଜପୁର ଥାନାରେ ଏସପି ଚରଣ ସିଂ ମିନାଙ୍କ ବିରୋଧରେ ଏତଲା ଦିଆଯାଇଛି। ଗଣମାଧ୍ୟମ ସମ୍ମୁଖରେ ଏସ୍‌ପି ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଯେଉଁ ବୟାନ ଦେଇଥିଲେ ତାକୁ ଯାଜପୁର ଭାଜପା ପକ୍ଷରୁ ନିନ୍ଦା କରାଯିବା ସହିତ ଏସପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ଏତଲାରେ ଏସ୍‌ପିଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ୫୦୦ ଏବଂ ୫୦୯ ଦଫାରେ ମାମଲା ରୁଜୁ କରିବା ପାଇଁ ଭାଜପା ଜିଲା ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା ଏତଲା ଦେଇଛନ୍ତି। ସ୍ୱର୍ଗତ ସ୍ମିତାରାଣୀଙ୍କ ମୃତ୍ୟୁର ତଦନ୍ତ ସିବିଆଇକୁ ଦିଆଯାଇ ଏହାର ସତ୍ୟତା ଉପରେ ତଥ୍ୟ ବାହାର କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯିବା ସହିତ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଏତଲା ଦିଆଯାଇଥିବା କୁହାଯାଇଛି। ଯାଜପୁର ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ଭାଜପା କର୍ମୀ ଯାଜପୁର ଥାନାକୁ ଆସିଥିଲେ। ଶୋଭାଯାତ୍ରାରେ ମୃତ୍ୟୁଞ୍ଜୟ ମିଶ୍ର, ମନ୍ମଥ ବରାଳ, ଜିତାମିତ୍ର ଦାସ, ଦିପ୍ତିରେଖା ମିଶ୍ର, ପ୍ରସନ୍ନ କୁମାର ସାମଲ,ଅସୀମ କର, ଝୁନାରାଣୀ ପଣ୍ଡା, ପ୍ରଶାନ୍ତ ସାହୁ, ବିଜନ ବେହେରା , ପ୍ରଦୀପ ଧଳ, ମହେନ୍ଦ୍ର ରାଉତ, ଅମର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଛତିଆ

ଯାଜପୁର ଏସ୍‌ପିଙ୍କ ବିରୋଧରେ ଭାଜପା ତରଫରୁ ଶନିବାର ସବୁ ଥାନାରେ ଏତଲା ଦିଆଯାଉଛି। ସେହି ପରିପ୍ରେକ୍ଷୀରେ ଶନିବାର ବୈରୀ ଥାନାରେ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ଏତଲା ଦିଆଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଶାରଦା ନନ୍ଦ ରାଉତ, ଜିଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି, ମହାବିନାୟକ ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀମାନେ ଆର୍‌ଆଇ ଅଫିସ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ଥାନାରେ ପହଞ୍ଚି ଥିଲେ। ଥାନାରେ ଉପସ୍ଥିତ ଥିବା ଭାରପ୍ରାପ୍ତ ଥାନାଧିକାରୀ ଜଗଦିଶ କର ଓ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅଜିତ୍ ପ୍ରସାଦ ନାରାୟଣ ଗିରିଙ୍କୁ ଏତଲା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟୀ ସାହୁ, ସୁଧାକର ମହାପାତ୍ର, ଆଲୋକ କୁମାର ସାହୁ, ପ୍ରମୋଦ କୁମାର ରାଉତ୍, ପ୍ରିତିଶ ସାହୁ, କାର୍ତ୍ତିକ ସାମନ୍ତ, ସୁଧାକର ଲେଙ୍କା, ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବିଞ୍ଝାରପୁର ଥାନା ଅଧିକାରୀଙ୍କୁ ଭାଜପା ନେତାମାନେ ଏତଲା ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଶ୍ୟାମାକାଳୀ ପୂଜା ପାଇଁ ଅଳାବାଙ୍କ ଉତ୍ସବମୁଖର



**ଡେରାବିଶ,୨୬। ୧୦(ସ୍ୱ.ପ୍ର.):** ଶ୍ୟାମାକାଳୀ ପୂଜା ପାଇଁ ଡେରାବିଶ ବ୍ଲକ ଅଧୀନ ଅଳାବାଙ୍କ ଉତ୍ସବମୁଖର ହୋଇଉଠିଛି । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅଳାବାଙ୍କ ଛକରେ ଏହି ପୂଜା ପ୍ରତିବର୍ଷ ଜାକଜମକରେ ହୋଇଆସୁଛି । ପୂଜା କମିଟିର ମୁଖ୍ୟ ଜ୍ୟୋତିଷ ଶାସ୍ତ୍ର ବିଶାରଦ କାଶୀ ଦାସ ବାବା ତ୍ୟାଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ମା'ଙ୍କ ପୂଜା ମଙ୍ଗଳବାର ଶେଷ ହେବ । ରବିବାର ଦୀପାବଳି ଅମାବାସ୍ୟାରେ ପୂଜା ମଣ୍ଡପରେ ମା'ଙ୍କ ମହାମାୟା ପୂଜା, ସୋମବାର ଚଣ୍ଡୀପୂଜା ଓ ଜଗଧାତ୍ରୀ ପୂଜା, ମଙ୍ଗଳବାର ଜଗଦମ୍ବା ପୂଜା ଓ ପୂର୍ଣ୍ଣାହୁତି ହେବ ବୋଲି ପୂଜା କମିଟିର ମୁଖ୍ୟ କାଶୀ ଦାସ ସୂଚନା ଦେଇଛନ୍ତି । ଚଳିତବର୍ଷ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଛି। ଅଳାବାଙ୍କରେ ହୋଇ ଆସୁଥିବା ଏହି ପୂଜା ବହୁ ପ୍ରାଚୀନ ହୋଇଥିବା ବେଳେ ପୂଜାମଣ୍ଡପରେ ମା'ଙ୍କୁ ଦର୍ଶନ ପାଇଁ କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, କଟକ ଓ ଯାଜପୁର ଜିଲାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ଭିଡକୁ ଲକ୍ଷ୍ୟ କରି ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ପୂଜା ପାଇଁ ଶନିବାର ସନ୍ଧ୍ୟାରୁ ଦୋକାନୀମାନେ ମଣ୍ଡପ ନିକଟରେ ସେମାନଙ୍କ ଅସ୍ଥାୟୀ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି ।

### ଜମ୍ବୁରେ ବୃଦ୍ଧାଙ୍କୁ ମାଡ଼ ଘଟଣା
## ନଭେମ୍ବର ୨୪ ସୁଦ୍ଧା ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ

**କେନ୍ଦ୍ରାପଡା ଅଫିସ,୨୬।୧୦:** ଗତ ସେପ୍ଟେମ୍ବର ୧୫ରେ ମହାକାଳପଡା ବ୍ଲକ ଜମ୍ବୁ ଗ୍ରାମର ସୁରବାଳା ମଣ୍ଡଳ ଓ ତାଙ୍କ ପୁଅଙ୍କୁ ୫ ଜଣ ଚିଙ୍ଗୁଡି ବ୍ୟବସାୟୀ ମାଡ ମାରିବା ସହିତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏନେଇ ଜମ୍ବୁ ଥାନାରେ ଅଭିଯୋଗ ପତ୍ର ଦିଆଯାଇଥିଲେ ମଧ୍ୟ ମାମଲା ରୁଜୁ ହୋଇ ନ ଥିଲା କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ତେବେ ଏହି ଘଟଣାର ତଦନ୍ତ ରିପୋର୍ଟ କେନ୍ଦ୍ରାପଡା ଏସ୍‌ପି ଆସନ୍ତା ନଭେମ୍ବର ୨୪ ତାରିଖ ସୁଦ୍ଧା ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ଦାଖଲ ପାଇଁ ଗତ ୧୦ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣା ସମ୍ପର୍କରେ ଏନଏଚଆରସିରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଅଭିଯୋଗ (ମାମଲା ନଂ- ୩୨୬୪/ ୧୯) କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ମହାନ୍ତି ଦର୍ଶାଇଛନ୍ତି ଯେ, ୭୦ ବର୍ଷୀୟ ସୁରବାଳା ଓ ତାଙ୍କ ପୁଅଙ୍କୁ ୫ ଜଣ ଚିଙ୍ଗୁଡି ବ୍ୟବସାୟୀ ମାଡ ମାରିବା ପରେ ଏନେଇ ସେମାନେ ଜମ୍ବୁ ଥାନାରେ ୪ ଥର ଅଭିଯୋଗ ପତ୍ର ଦେଇଛନ୍ତି । ତେବେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଜମ୍ବୁ ପୋଲିସ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ୨୦୨୦ ଜାନୁୟାରୀ ୨ ତାରିଖରେ ଏହି ମାମଲାର ଶୁଣାଣି ଏନଏଚଆରସିରେ ହେବାକୁ ତାରିଖ ଧାର୍ଯ୍ୟ ହୋଇଛି ।

# ବିନା ଲାଇସେନ୍ସରେ ୨୪ ବାଣ ଦୋକାନ

**ପଟ୍ଟାମୁଣ୍ଡାଇ, ୨୬।୧୦(ସ୍ୱ.ପ୍ର)**

ଆଲୋକର ପର୍ବ ଦୀପାବଳି ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଚଳଚଞ୍ଚଳ ହୋଇଉଠିଛି। ଲୋକେ ବିଭିନ୍ନ ସାମଗ୍ରୀ କିଣିବା ସହ ବାଣ ଦୋକାନରେ ଭିଡ ଲାଗିଛି। ଚଳିତ ବର୍ଷ ପଟ୍ଟାମୁଣ୍ଡାଇ ଯଜ୍ଞ ପଡ଼ିଆ ପରିବର୍ତ୍ତେ ଏମ.ଏନ.ହାଇସ୍କୁଲ ପଡ଼ିଆରେ ବାଣ ଦୋକାନଗୁଡିକ ଖୋଲାଯାଇଛି। ଏଠାରେ ୨୪ଟି ବାଣ ଦୋକାନ ଖୋଲିଥିବା ବେଳେ କୌଣସି ଦୋକାନକୁ ଲାଇସେନ୍ସ ମିଳି ନ ଥିବା ସୂଚନା ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାଗ ଅନୁକୂଳ ଥିବାରୁ ଲୋକେ ବାଣ କିଣିବା ପାଇଁ ଭିଡ଼ ଲଗାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଶବ୍ଦ, ବାୟୁ ଓ ପରିବେଶ ପ୍ରଦୂଷଣ ଉପରେ ରୋକ ଲଗାଇ ଥିଲେ ମଧ୍ୟ ଏହି ଆଇନକୁ ଉଲଂଘନ କରି ଖୋଲାଖୋଲି ଭାବେ ଶବ୍ଦ ପ୍ରଦୂଷଣ ଓ ପରିବେଶ ପ୍ରଦୂଷିତ କରୁଥିବା ବାଣଗୁଡିକର ବିକ୍ରି ଚାଲିଛି। ମାତ୍ର କିଛି


ପଟ୍ଟାମୁଣ୍ଡାଇ ଏମ.ଏନ.ହାଇସ୍କୁଲ ପଡ଼ିଆରେ ଖୋଲିଥିବା ବାଣ ଦୋକାନ।

**ଦୀପାବଳି ପାଇଁ ପଟ୍ଟାମୁଣ୍ଡାଇ ଚଳଚଞ୍ଚଳ**

ଯୁବବର୍ଗଙ୍କୁ ଛାଡି ଦେଲେ ଏସବୁ ବାଣପ୍ରତି ଲୋକଙ୍କ ମଧ୍ୟରେ ଅଧିକ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଆନନ୍ଦ ଉତ୍ସାହର ସହ ଆଲୋକର ପର୍ବ ପାଳନ କରିବା ସହ ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଲୋକେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ପରସ୍ପର ମିଳିମିଶି ଦୀପାବଳି ପାଳନ କରିବାରେ ଯେଉଁ ଆନନ୍ଦ ମିଳିଥାଏ ବାଣ ଫୁଟାଇ ଅନ୍ୟମାନଙ୍କ ମନରେ କଷ୍ଟ ଦେଇ ବିପଦକୁ ଆହ୍ୱାନ କରିବା ଆଦୌ ଉଚିତ୍ ନୁହେଁ ବୋଲି ସେମାନେ ମତପୋଷଣ କରିଛନ୍ତି । ଅପରପକ୍ଷେ ଶିକ୍ଷାନୁଷ୍ଠାନ ପଡିଆରେ ବାଣ ଦୋକାନ ଖୋଲାଯାଇଥିବାରୁ ସାଧାରଣ ଲୋକେ ଓ ସାମାଜିକ କର୍ମୀ ଏହାକୁ ବିରୋଧ କରିଛନ୍ତି ।

# ବାଣମୁକ୍ତ ଦୀପାବଳି ସଚେତନତା


ସଚେତନତା ଶୋଭାଯାତ୍ରା ଅବସରରେ ସଂଘର ସଦସ୍ୟ ଓ ଅନ୍ୟମାନେ।

**ରାଜନଗର,୨୬।୧୦(ଡି.ଏନ.ଏ.)**

ଦୀପାବଳିକୁ ବାଣମୁକ୍ତ କରିବା ପାଇଁ ପ୍ରଗତି ଯୁବକ ସଂଘ ପକ୍ଷରୁ ରବିବାର ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ରାଜନଗର ବ୍ଲକ ବେଲପାଳ ପଞ୍ଚାୟତର ପ୍ରଗତି ଯୁବକ ସଂଘ ସଦସ୍ୟ ଏବଂ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରି ଏ ନେଇ ଲୋକଙ୍କୁ ସଚେତନ କରିଥିଲେ। ସମଗ୍ର ବିଶ୍ୱରେ ପରିବେଶ ପ୍ରଦୂଷଣ ଏବେ ଚିନ୍ତାର କାରଣ ହୋଇଛି। ପରିବେଶ ପ୍ରଦୂଷଣ ମନୁଷ୍ୟକୁ ମୃତ୍ୟୁ ମୁଖକୁ ଟାଣି ନେଉଛି। ଏନେଇ ପ୍ରଗତି ଯୁବକ ସଂଘର ସଦସ୍ୟମାନେ ବାଣ ଫୁଟାଇବା ଦ୍ୱାରା ପରିବେଶ ଉପରେ ପଡୁଥିବା ଏହାର କୁପ୍ରଭାବ ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲର ଶିକ୍ଷକ ସରୋଜ କୁମାର ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ପ୍ରଗତି ଯୁବକ ସଂଘର ସଭାପତି ବିକ୍ରମ ବାରିକ, ନିହାରିକା ନାଥ, ମହିମା ଶିଖା ସ୍ୱାଇଁ, ଭାଗ୍ୟଶ୍ରୀ ପଣ୍ଡା, ଶୁଭମ୍ ଚଣ୍ଡ, ସ୍ନିଗ୍ଧା ବିଶ୍ୱାଳ, ସଙ୍ଗୀତା ଦାଶଙ୍କ ସମେତ ଛାତ୍ରୀଛାତ୍ର ଓ ଯୁବକ ସାମିଲ ହୋଇଥିଲେ।

# ବ୍ଲକସ୍ତରୀୟ ମାଛଚାଷ ପ୍ରଶିକ୍ଷଣ ଶିବିର

**ପାଟକୁରା,୨୬।୧୦(ଡ଼ି.ଏନ୍.ଏ.)**

ଗରଦପୁର ବ୍ଲକର ଆତ୍ମା ସଭାଗୃହରେ ମହିଳାମାନଙ୍କ ପାଇଁ ଶନିବାର ୨ ଦିନିଆ ବ୍ଲକସ୍ତରୀୟ ମାଛଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀଗୁଡ଼ିକ ଲିଜ୍ ଦିଆଯିବ ଓ ସେମାନେ ଏସବୁ ପୋଖରୀରେ ମାଛଚାଷ କରି ସ୍ୱାବଲମ୍ବୀ ହୋଇପାରିବେ । ଜିଲା ମତ୍ସ୍ୟ ଅଧିକାରୀ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏଥିରେ ମିଶନ ଶକ୍ତି ଓ ୱାର୍ଡ଼ କାର୍ଯ୍ୟାଳୟ ସହଯୋଗ କରୁଛି । ବ୍ଲକର ୧୫ ସ୍ୱୟଂ ସହାୟିକା ଗୋଷ୍ଠୀରୁ ୩୦ ଜଣ ସଦସ୍ୟ ଏହି ଶିବିରରେ ଭାଗନେଇଥିଲେ। କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର ଶିବିରରେ ଉପସ୍ଥିତ ରହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ମାଛ ଚାଷ ସମ୍ପର୍କରେ ବୁଝାଇଥିଲେ। ଏହି ଯୋଜନାରେ ମହିଳାମାନେ ଆଗେଇ ଆସିଲେ ସେମାନେ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ । ଏଥିପାଇଁ ରାଜ୍ୟ ସରକାଙ୍କ ପକ୍ଷରୁ ଦିଆଯାଉଥିବା ସହାୟତା ସମ୍ପର୍କରେ ସେ ସୂଚନା ଦେଇଥିଲେ । ଶିବିରରେ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ, ପୋଖରୀ ପରିଚାଳନା, ଚୂନ ଓ ସାର ପ୍ରୟୋଗ, ଉପଯୁକ୍ତ ପ୍ରଜାତିର ମାଛ ଯାଆଁଳ, ମାଛ ଯାଆଁଳ ଛାଡ଼ିବା ସଂଖ୍ୟା, ମହୁରାଳି ମାଛ ଚାଷର ଉପାଦେୟତା ଓ ଆୟ ବ୍ୟୟ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା । ୱାର୍ଲଡ଼ ଫିଶ ସଂସ୍ଥାର ନୋଡ଼ାଲ ମ୍ୟାନେଜର ସୌରଭ ବିଶ୍ୱାଳ, ସହକାରୀ ମତ୍ସ୍ୟ ଅଧିକାରୀ ମନୀଷା ଜେନା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦିଲୀପ କୁମାର ମହାନ୍ତି ଏହି ପ୍ରଶିକ୍ଷଣ ଦେଇଥିଲେ । ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରବୀନ୍ଦ୍ର ସାହୁ, ଶଙ୍କର୍ଷଣ ପଣ୍ଡା ଓ ବ୍ଲକ ମିଶନ୍ ଶକ୍ତି ପ୍ରୋଜେକ୍ଟ କୋଅର୍ଡ଼ିନେଟର ଅଖିଲ୍ କୁମାର ଆଚାର୍ଯ୍ୟ ସହଯୋଗ କରିଥିଲେ ।



ମାଛ ଚାଷ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

### କାର୍ଯ୍ୟରେ ଅବହେଳା ଅଭିଯୋଗ
# ବିଦାହେଲେ ସାହୁପଡା ଅଙ୍ଗନୱାଡ଼ି କର୍ମୀ

**ଆଳି,୨୬।୧୦(ଡି.ଏନ୍.ଏ.)**

ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ କେନ୍ଦ୍ରାପଡା ଉପଜିଲାପାଳ ବିଦା କରିଦେଇଛନ୍ତି। ସେ ହେଲେ ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ଅନ୍ତର୍ଗତ ସାହୁପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଆଶାଲତା ଖଣ୍ଡୁଆଳ। ସାହୁପଡା ଗ୍ରାମରେ ଏହି ଅଙ୍ଗନୱାଡ଼ି କେନ୍ଦ୍ର ଆରମ୍ଭ ଦିନରୁ ଖଣ୍ଡୁଆଳ ମନମୁଖି ଭାବେ କାର୍ଯ୍ୟ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ଦୀର୍ଘ ଦୁଇ ବର୍ଷ ହେବ ସେ କେନ୍ଦ୍ରକୁ ଆସୁ ନ ଥିବା ବେଳେ ଖାଦ୍ୟ,ଛତୁଆ ଓ ଅଣ୍ଡା ପ୍ରଦାନରେ ଅନିୟମିତତା କରୁଥିବା ଅଭିଯୋଗ ହୋଇଥିଲା। ଏଥିସହ ମାତୃ କମିଟି ଓ ଯାଞ୍ଚ କମିଟି ଗଠନ, ମମତା ଯୋଜନାରେ ସହାୟତା କରୁ ନ ଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଜାଣିବା ପରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଏହାପରେ ଗ୍ରାମବାସୀ ଗତବର୍ଷ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ସେତେବେଳେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ପୁନର୍ବାର ଗ୍ରାମବାସୀ ଗତ ଅଗଷ୍ଟ ୧୪ରେ ଆଳି ବ୍ଲକ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲାପାଳ ସମର୍ଥ ବର୍ମା ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲଦାର ଜୟନ୍ତ ପୃଷ୍ଟି ଓ ସୁପରଭାଇଜର ଅନିତା ବେହେରା ମଧ୍ୟ ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଉଭୟ ରିପୋର୍ଟକୁ ତର୍ଜମା କରି ଜିଲାପାଳ ଖଣ୍ଡୁଆଳଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲାପାଳ ଖଣ୍ଡୁଆଳଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏ ନେଇ ଚିଠି (ନଂ ୧୧୨୦୧/୧୯)ରେ ଉଲ୍ଲେଖ କରାଯାଇଛି। ଏହାପରେ ଏହି କେନ୍ଦ୍ରର ଦାୟିତ୍ୱ କଳଦିଆ-ଏ କେନ୍ଦ୍ରର ଅଙ୍ଗନଓାଡି କର୍ମୀଙ୍କୁ ଦିଆଯାଇଛି।

### ରାଜକନିକା ବ୍ଲକ :
## ଲଗାଣ ବର୍ଷାରେ ବିରି ଫସଲ ନଷ୍ଟ

**ରାଜକନିକା,୨୬।୧୦(ଡି.ଏନ୍.ଏ.)**

ଗତ ୩ ଦିନଧରି ଲଗାଣ ବର୍ଷାରେ ରାଜକନିକା ବ୍ଲକରେ ବ୍ୟାପକ ଫସଲ ହାନି ଘଟିଛି। ଚାଷ ଜମିରେ ବର୍ଷା ପାଣି ପଶି ଅନେକ ଏକର ବିରି ଫସଲ ନଷ୍ଟ ହୋଇଛି । ହାଟସାହି, ଅବଦୁଲପୁର, ଅହମଦପୁର, ଚରପଡା, ପଧାନପଡା, ପଣସଗଣ୍ଡ, ଠାକୁରାଣିପାଳ, ସିହୋପଡା, ଭାମଣ୍ଡା, ଆଗପଡା, କଣ୍ଡିଆ, ନମତରା, ଦେଉଳତରା, କଇଥାପାଳ, ଉଜାଙ୍ଗ, ହାବଳଗଣ୍ଡ, ପାରିନୂଆପଡା, ଭାରିଗଦା, କନପୁର ଓ ବରୁଣାଡିହା ଆଦି ଅଞ୍ଚଳରେ ବିରି ଫସଲ ନଷ୍ଟ ହୋଇଥିବାରୁ ଚାଷୀ ହତାଶ ହୋଇଯାଇଛନ୍ତି। ବିଲରେ ୩ ଫୁଟ ଉଚ୍ଚର ବର୍ଷା ଜଳ ଲହଡି ମାରୁଛି। ପାଣିରେ ବିରିଗଛଗୁଡିକ ପଚିଯାଇଛି। ଚଳିତବର୍ଷ ମରୁଡ଼ିରେ ଧାନ ଫସଲ ଉଜୁଡି ଯାଇଥିଲା । ଏଥିଯୋଗୁ ବିରି ଫସଲ ଉପରେ ଚାଷୀମାନେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ଥିଲେ। ମାତ୍ର ବର୍ଷାରେ ବିରି ଫସଲ ନଷ୍ଟ ହୋଇଯିବା ପରେ ଏବେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ବଜାରରେ ଦର ଆକାଶ ଛୁଆଁ ହୋଇଛି । ଗରିବ ଶ୍ରେଣୀର ଲୋକେ ଅତ୍ୟଧିକ ଦାମ ଦେଇ ପନିପରିବା କିଣି ପାରୁନାହାନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଚାଷୀ କ୍ଷତିପୂରଣ ଦାବି କରିବା ସହ ଆଗାମୀ ଡାଲୁଅ ଫସଲ ପାଇଁ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇଦେବାକୁ ଦାବି କରିଛନ୍ତି।

## ଅଭିରାମ ସେବାଶ୍ରମରେ ଭାଗବତ ପାରାୟଣ

**ରାଜନଗର,୨୬।୧୦(ଡି.ଏନ.ଏ.)**

ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗରସ୍ଥିତ ସେବାଶ୍ରମରେ ୩୮ତମ ବାର୍ଷିକୋତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଧାମ କରମଳାର ବାବାଜୀ ଭୀମସେନ ଦାସ, ଶ୍ରୀନିବାସ ଦାସ, ସିଦ୍ଧଗିରି ଆଶ୍ରମର ଆଚାର୍ଯ୍ୟ ବାବାଜୀ ବିଶ୍ୱନାଥ ଦାସ, ସାଧୁ କ୍ରୀଷ୍ଟାନନ୍ଦ ସରସ୍ୱତୀ, ଭାଗଗ୍ରାହୀ ଦାସ, ରାମକୃଷ୍ଣ ଦାସ, ଜଗନ୍ନାଥ ଚାରଣ ସମିତିର ଉଦୟନାଥ ସାହୁ, ପଣ୍ଡିତ ପ୍ରଫୁଲ୍ଲ କର୍ଣ୍ଣ, ଶଙ୍କର୍ଷଣ ମିଶ୍ର, ହର କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ସାଧୁସନ୍ଥମାନେ ଯୋଗଦେଇ ଭାଗବତ ପାରାୟଣର ଆଧ୍ୟାତ୍ମିକ ଚେତନା ଉପରେ ଦୀକ୍ଷାନ୍ତ ପ୍ରବଚନ ଦେଇଥିଲେ। ଏହାଛଡା ଗୁରୁ ପରମ୍ପରା ମାଧ୍ୟମରେ ପଥଭ୍ରଷ୍ଟ ସମାଜକୁ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀରେ ସାମିଲ ହେବା ପାଇଁ ସାଧୁସନ୍ଥମାନେ ମାର୍ଗଦର୍ଶନ ଦେଇଥିଲେ। ସେବାଶ୍ରମର ମୁଖ୍ୟ ତଥା ସେବକ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଂପାଦକ ଅନ୍ତର୍ଯ୍ୟାମୀ ପରିଡା ଓ ସେବାଶ୍ରମର ସମସ୍ତ ଭକ୍ତମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏ ସପ୍ତାହର କାର୍ଯ୍ୟକ୍ରମ

୨୭।୧୦।୨୦୧୯ (ରବିବାର)
- ଶ୍ୟାମାକାଳୀ ପୂଜା ପାଇଁ କଳସ ଯାତ୍ରା, ସ୍ଥାନ- ଅଳାବାଙ୍କ, ଡେରାବିଶ . ସମୟ- ପୂର୍ବାହ୍ନ ୧୧ଟା

୨୮।୧୦।୨୦୧୯ (ସୋମବାର)
- ମିଳିତ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ- ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ, ସ୍ଥାନ- ମହିଷାସୁର ପଞ୍ଚାୟତ ପଡିଆ, ରାଜନଗର, ସମୟ- ସନ୍ଧ୍ୟା ୬ଟା
- ବ୍ଲକସ୍ତରୀୟ ସୁରଭି ଓ ଶିଶୁ ମହୋତ୍ସବ, ସ୍ଥାନ- ରାମଚଣ୍ଡୀ ବିଦ୍ୟା ନିକେତନ, ଛୋଟି, ଡେରାବିଶ, ସମୟ- ପୂର୍ବାହ୍ନ ୧୦ଟା
- ଚଣ୍ଡୀ ଓ ମହାଲକ୍ଷ୍ମୀ ପୂଜା, ସ୍ଥାନ- ଅଳାବାଙ୍କ, ଡେରାବିଶ , ସମୟ- ଅପରାହ୍ନ ୫ଟା

୨୯।୧୦।୨୦୧୯ (ମଙ୍ଗଳବାର)
- ଜିଲା ପ୍ରଶାସନର ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ- ଡିଆରଡିଏ ହଲ୍, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୧୦ଟା
- ଜଗଦ୍ଧାତ୍ରୀ ପୂଜା, ସ୍ଥାନ- ଅଳାବାଙ୍କ, ଡେରାବିଶ, ସମୟ- ଅପରାହ୍ନ ୫ଟା

୩୦।୧୦।୨୦୧୯ (ବୁଧବାର)
- ନିଃଶୁଳ୍କ ଭାରତୀୟ ଗୋବିଜ୍ଞାନ ପ୍ରଶିକ୍ଷଣ, ସ୍ଥାନ- ମହିଷାସୁର ପଞ୍ଚାୟତ ପଡିଆ, ରାଜନଗର, ସମୟ- ଅପରାହ୍ନ ୩ଟା

### ସମୁଦ୍ରରେ ଡଙ୍ଗା ବୁଡ଼ିବା ଘଟଣା
## ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ମହାକାଳପଡା,୨୬।୧୦(ଡି.ଏନ୍.ଏ.)**

ସମୁଦ୍ରକୁ ମାଛ ଧରିବାକୁ ଯାଇ ମହାକାଳପଡା ବ୍ଲକର ହୁକିଟୋଲା-ଚଟକା-ମାଦ୍ଦିଳି ମୁହାଣ ମୁହଁରେ ଶୁକ୍ରବାର ନିଖୋଜ ହୋଇଯାଇଥିବା ମତ୍ସ୍ୟଜୀବୀଙ୍କ ମୃତଦେହ ଶନିବାର ଉଦ୍ଧାର ହୋଇଛି। ସେ ହେଲେ ବୋଟ୍ ମାଲିକ ତପନ ଦାସ(୪୦)। ମାଦ୍ଦିଳି ମୁହାଣର ଅନତି ଦୂରରେ ତାଙ୍କ ମୃତଦେହ ଭାସୁଥିବା ଦେଖି ମତ୍ସ୍ୟଜୀବୀ ଉଦ୍ଧାର କରି ଜମ୍ବୁ ମତ୍ସ୍ୟଜେଠୀକୁ ନେଇଥିଲେ। ଖବରପାଇ ଜମ୍ବୁ ମେରାଇନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଜମ୍ବୁ ମେରାଇନ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୯/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ମହକାଳପଡା ବ୍ଲକର ବିଶ୍ୱନାଥ ଘରାମୀ, ପ୍ରହଲାଦ ଦାସ, ଗୌତମ ଦାସଙ୍କ ସହ ତପନ ଶୁକ୍ରବାର ଅପରାହ୍ନରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ଜୁଆର ଯୋଗୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡିଯାଇଥିଲା। ସମସ୍ତ ମତ୍ସ୍ୟଜୀବୀ କିରୋସିନ ଜାର ଧରି ପହଁରୁଥିବା ବେଳେ ତପନଙ୍କ ହାତରୁ ଏହି ଜାର ଖସିଯାଇଥିଲା। ଫଳରେ ସେ ପାଣିରେ ନିଖୋଜ ହୋଇଥିଲେ। ଏହି ସମୟରେ ଅନ୍ୟ ଏକ ବୋଟ୍‌ରେ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀ ନିମାଇଁ ମଣ୍ଡଳ ୩ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ମାତ୍ର ତପନଙ୍କ କୌଣସି ପତ୍ତା ମିଳି ନ ଥିଲା।

## ଇକୋ କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ରାଜନଗର,୨୬।୧୦(ଡି.ଏନ.ଏ.)**

ରାଜନଗର ବ୍ଲକ ହାତୀନାସ୍ଥିତ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର, ହାତୀନା ଛକ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରଭୃତି ସଫା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ନାୟକ, ଖେଳ ଶିକ୍ଷକ ବ୍ରହ୍ମାନନ୍ଦ ରାଉତ, ସହକାରୀ ଶିକ୍ଷକ ପ୍ରମୋଦ ପଣ୍ଡା, ଅନଙ୍ଗ ଜେନା, ନିରଞ୍ଜନ ପଲାଇ, ଅଲକା ଖଟୁଆ, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇ ସଫେଇ କରିଥିଲେ।

### ଜାତୀୟ ଉଦ୍ୟାନ ସୁରକ୍ଷା ପାଇଁ ଉଦ୍‌ବେଗ
## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ,୨୬।୧୦**

ବିଭିନ୍ନ କାରଣରୁ ଜାତୀୟ ଉଦ୍ୟାନ ଭିତରକନିକା ଅସୁରକ୍ଷିତ ହୋଇପଡିଛି। ସମସ୍ୟାଗୁଡିକର ସମାଧାନ ନ ହେଲେ ଭିତରକନିକାର ଜୈବ ବିବିଧତା ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳ ବନ ସଂରକ୍ଷଣ ସମିତି ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏ ନେଇ ସମ୍ପାଦକ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଭାରତର ଦ୍ୱିତୀୟ ରାମସାର ସାଇଡ ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜୈବ ବିବିଧତା ପାଇଁ ବିଶ୍ୱ ଐତିହ୍ୟ ମାନ୍ୟତା ଦୌଡରେ ଥିଲା। ତେବେ ଏହି ସମୟରେ ନିଷିଦ୍ଧାଞ୍ଚଳରେ ଅବାଧ ପ୍ରବେଶ ଓ ଚିଙ୍ଗୁଡି ଘେରିକୁ ଦେଖି ୟୁନେସ୍କୋର ତଦନ୍ତକାରୀ ଦଳ ବିଶ୍ୱ ଐତିହ୍ୟ ତାଲିକାରୁ ଭିତରକନିକାକୁ ବାଦ ଦେଇଥିଲେ। ୨୦୧୬ ମସିହାର ରିପୋର୍ଟ ସର୍ବ ସମ୍ମୁଖକୁ ଆସିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନାହିଁ। ଗହୀରମଥାରେ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସମୟରେ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନେ ସମୁଦ୍ର ଉପକୂଳରେ ପଶି ମାଛ ମାରିବା ଉପରେ କଟକଣା ଜାରି କରାଯାଇଥାଏ । ତେବେ ଏହି ନିଷିଦ୍ଧାଞ୍ଚଳରେ ବର୍ଷ ସାରା ମାଛ ମାରିବା ପାଇଁ ଜିଲା ବାହାରୁ ଟ୍ରଲର ପହଞ୍ଚୁଛି । ଫଳରେ ମାଛ ସହିତ ସାମୁଦ୍ରିକ ଜୀବ ବିପଦରେ ପଡୁଛନ୍ତି । ଏପରି କି ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀମାନେ ବସା ବାନ୍ଧିବା ପାଇଁ ସ୍ଥାନ ପରିବର୍ତ୍ତନ କରିବା ଉଦ୍‌ବେଗର କାରଣ ହୋଇଛି । ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ଜାତୀୟଉଦ୍ୟାନ ମଧ୍ୟରେ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡି ବ୍ୟବସାୟୀ ଘେରି କରିଥିବା ଦେଖିବାକୁ ମିଳିଛି । ଏହି ଘେରି ଯୋଗୁ ପରିବେଶ ଦୂଷିତ ହେବାରେ ଲାଗିଛି । ରାଜ୍ୟର ଗୌରବ ବହନ କରୁଥିବା ଏହି ଅଞ୍ଚଳର ସୁରକ୍ଷା ପାଇଁ ସମିତି ପକ୍ଷରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି । ତେବେ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ସତ୍ୟପ୍ରକାଶ ମହାନ୍ତି, କର୍ମକର୍ତ୍ତା ପ୍ରତାପ ଚନ୍ଦ୍ର ପାଢ଼ୀ, ସତ୍ୟଜିତ ସ୍ୱାଇଁ, ରାଜେଶ ସାମଲ ପ୍ରମୁଖ ସାମିଲ ହୋଇଥିଲେ ।


ଜିଲାପାଳଙ୍କୁ ସମିତି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୭ ଅକ୍ଟୋବର, ୨୦୧୯



ଶରୀରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟ ଯେତିକି ଲୋଡ଼ା, ମନକୁ ସୁସ୍ଥ ରଖିବା ପାଇଁ ଅଧ୍ୟୟନ ସେତିକି ଲୋଡ଼ା ହୋଇଥାଏ।
- ଶିଶେରୋ



## ସଂକ୍ଷେପରେ

### ଚଣ୍ଡିଖୋଲ ଖବରଦାତାଙ୍କ ପିତୃବିୟୋଗ



ଯାଜପୁର ଅଫିସ,୨୬।୧୦: ଯାଜପୁର ଜିଲା ବଡ଼ଚଣା ବ୍ଲକ ଚଣ୍ଡିଖୋଲର ଧରିତ୍ରୀ ପ୍ରତିନିଧି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ପିତା ଗୋଲକଚନ୍ଦ୍ର ପୃଷ୍ଟିଙ୍କ ଶନିବାର ଭୋର ସାଢ଼େ ୩ଟା ସମୟରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା। ୧୯୪୭ ମସିହାରେ ଗୋଲକଙ୍କୁ ଯେତେବେଳେ ୨୧ବର୍ଷ ବୟସ ହୋଇଥିଲା ବାଲିଚନ୍ଦ୍ରପୁର ବଜାରଠାରେ ସେ ପ୍ରଥମ ପୁସ୍ତକ ବ୍ୟବସାୟ ଆରମ୍ଭ କରିଥିଲେ। ଧାନମଣ୍ଡଳ ଷ୍ଟେଶନକୁ ଦୀର୍ଘ ୨୦ କିମି ପର୍ଯ୍ୟନ୍ତ ଚାଲିଚାଲି ଯାଇ ସେ ପୁସ୍ତକ ବ୍ୟବସାୟ ଆରମ୍ଭ କରି ଅଞ୍ଚଳରେ ଶିକ୍ଷା ବିକାଶ ଦିଗରେ ମୂଳଦୂଆ ଦେଇଥିଲେ। ଏଥିଯୋଗୁ ମାହାଙ୍ଗା, ଡେରାବିଶ ଓ ବଡ଼ଚଣା ଅଞ୍ଚଳରେ ଜଣେ ପୁସ୍ତକ ବ୍ୟବସାୟୀ ଭାବେ ଘରେଘରେ ବେଶ୍ ଜଣାଶୁଣା ଥିଲେ। ସେ ଅଢ଼େଇ ମାସ ହେଲା ବାର୍ଦ୍ଧକ୍ୟ ଯୋଗୁ ଅସୁସ୍ଥ ଥିଲେ। ସ୍ଥାନୀୟ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁବେଳକୁ ବଡ଼ପୁଅ ଚକ୍ରଧର, ସାନ ପୁଅ ପ୍ରମୋଦ, ମଝିଆ ପୁଅ ପ୍ରଦୀପ୍ତ , ବୋହୁ ଉପସ୍ଥିତ ଥିଲେ। ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ।

### ଲଗାଣ ବର୍ଷାରେ ଚାଷଜମି ପ୍ରଭାବିତ

ବରୀ,୨୬।୧୦(ସ୍ୱ.ପ୍ର./ଡି.ଏନ୍.ଏ.): ଯାଜପୁର ଜିଲା ବରୀ ବ୍ଲକରେ ୩ ଦିନ ଲଘୁଚାପ ଜନିତ ଲଗାଣ ବର୍ଷାରେ ୨ଶହ ଏକରରୁ ଊର୍ଦ୍ଧ୍ୱ ରବି ଫସଲ ପ୍ରଭାବିତ ହୋଇଥିବା ଜଣାପଡିଛି। ବର୍ଷା ଜଳ ଚାଷ ଜମିରୁ ନିଷ୍କାସିତ ହୋଇ ନ ପାରି ଜମିରେ ରହିବା ଯୋଗୁ ଫସଲ ନଷ୍ଟ ହେବାର ଅଶଙ୍କା ଦେଖାଦେଇଛି। ବ୍ଲକ ଅଧୀନ ସାରନ୍ଦାପାଟ, ବାଲିଆପାଟ, ରତ୍ନଗିରିପାଟ, ବୋଦୁଅ, ଅଙ୍ଗାଲୋ, କଳାମାଟିଆ, ସେରପୁର, ପାଟ ଆଦି ଗ୍ରାମରେ ବର୍ଷା ଜଳ ଜମି ରହିଛି। ସେହିପରି ବାଲିଆ, ଗୋଲକୁଣ୍ଡ, ଈଷାଣପୁର, ମହାକାଳପଡା, ଅଙ୍ଗାଲୋ, ମଧୁସୂଦନପୁର, ଭଅଁରା, ବୋଦୁଅ ଆଦି ବହୁ ପଞ୍ଚାୟତରେ ଚାଷ ଜମି ପ୍ରଭାବିତ ହୋଇଛି। ଏହାଦ୍ୱାରା ଫସଲ ପଚି ଯିବାର ସମ୍ଭାବନା ରହିଥିବା ଚାଷୀ ମୁକୁନ୍ଦ ସାମଲ, ପଦ୍ମନ ଗର, ହଗୁରି ମଲ୍ଲିକ ପ୍ରମୁଖ କହିଛନ୍ତି।

### ବରିଷ୍ଠ ବିଜେଡି ନେତା ବିଜୟ ମହାନ୍ତିଙ୍କ ପରଲୋକ

ଯାଜପୁର ଟାଉନ,୨୬।୧୦(ଡିଏନଏ): ଯାଜପୁର ପୌରପାଳିକାର ପୂର୍ବତନ ଉପନଗରପାଳ ତଥା ଯାଜପୁର ଟ୍ୟାକ୍ସି ଏବଂ ମିନିବସ୍ ଆସୋସିଏଶନର ସମ୍ପାଦକ ବିଜୟ କୁମାର ମହାନ୍ତିଙ୍କର ଶନିବାର ସନ୍ଧ୍ୟାରେ ହୃଦ୍‌ଘାତରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ତାଙ୍କ ବାସଭବନରେ ଶନିବାର



ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ୧୯୮୦ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଲଗାତାର ଭାବେ ମହାନ୍ତି ଯାଜପୁର ପୌରପାଳିକାକୁ କାଉନସିଲର ଭାବେ ନିର୍ବାଚିତ ହୋଇଆସୁଥିଲେ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଯାଜପୁର ପୌରପାଳିକାର ଉପନଗରପାଳ ଭାବେ ଦାୟିତ୍ୱ ନିର୍ବାହ କରି ଯାଜପୁରବାସୀଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଦିବଂଗତ ନେତା ସ୍ୱର୍ଗତ ଅଶୋକ ଦାସଙ୍କର ସେ ଜଣେ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ଥିଲେ। ମହାନ୍ତି ଘରୋଇ ବସ୍ ମାଲିକ ଭାବେ ତାଙ୍କର ଅନ୍ୟ ଏକ ପରିଚୟ ରହିଥିବାବେଳେ ସେ ଯାଜପୁର ଟ୍ୟାକ୍ସି ଏଣ୍ଡ ମିନିବସ୍ ଆସୋସିଏଶନ ସମ୍ପାଦକ ପଦବୀରେ କାର୍ଯ୍ୟ କରୁଥିଲେ। ଏହାଛଡା ହାବେଳି ବଜାର ଲକ୍ଷ୍ମୀ ନାରାୟଣ ପୂଜା କମିଟିର ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କ ମୃତ୍ୟୁରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧକ୍ଷ ଯଯାତି କେଶରୀ ଦାସ, ଭବପ୍ରସାଦ ଦାସ, କର୍ଣ୍ଣାଟ କେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ଜିଲା ସଭାପତି ଗୌତମ ରାୟ ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

## ଷ୍ଟିଲ୍ କମ୍ପାନୀ ପରେ ସିମେଣ୍ଟ କାରଖାନା

# ପ୍ରଦୂଷଣ ବଢୁଛି, ନାହିଁ ନିୟନ୍ତ୍ରଣ

ଯାଜପୁର ଅଫିସ,୨୬।୧୦

ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ଟି ସହର ଅତିପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ଏହି ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ମଧ୍ୟ ସାମିଲ ହୋଇଛି। ଏଭଳି ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛି। ଆସନ୍ତା ନଭେମ୍ବର ୬ତାରିଖ ସୁଦ୍ଧା ପ୍ରଦୂଷଣ ହ୍ରାସ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତା'ର ସବିଶେଷ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି । ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ ଓ ଉତ୍ପାଦନକ୍ଷମ ହେବା ପରଠାରୁ ପ୍ରଦୂଷଣର ମାତ୍ରା ଘାତକ ହେବାରେ ଲାଗିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଶିଳ୍ପ ସଂସ୍ଥାଗୁଡ଼ିକର ହାତବାରିଶି ସାଜିଥିବାରୁ ବାୟୁ ଓ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ସାଂଘାତିକ ବିପଦଜ୍ଜନକ ହେଉଥିବା ମତପ୍ରକାଶ ପାଇଛି।

୨୦୧୭ରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତିପ୍ରଦୂଷଣକାରୀ ସିମେଣ୍ଟ କାରଖାନାର ଆଗମନ ହୋଇଛି। ନିକଟରେ ଇମାମି ସିମେଣ୍ଟ ଓ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ଉତ୍ପାଦନକ୍ଷମ ହୋଇଛି। ଯାଜପୁର ସିମେଣ୍ଟ, ଚେଟିନାଣ୍ଡ, ଜିଏମ୍ ଆଇରନ ଆଣ୍ଡ ଷ୍ଟିଲ ପ୍ରଭୃତି ସିମେଣ୍ଟ କାରଖାନା ପ୍ରତିଷ୍ଠା କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅତି ପ୍ରଦୂଷଣ ଯୋଗୁ ଇମାମି ସିମେଣ୍ଟ କାରଖାନା ବିରୋଧରେ ମାନତିରା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ଟାଟା ଷ୍ଟିଲ ସମେତ ନୀଳାଚଳ ଇସ୍ପାତ, ବିଆର୍‌ପିଏଲ୍, ଭିସା ଷ୍ଟିଲ୍, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍, କେଜେ ଇସ୍ପାତ, ରୋହିତଫେରୋଟେକ ଆଦି କାରଖାନା ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରାୟ ୫୦ହଜାର ଲୋକ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି। ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଗୁଣାତ୍ମକ ମାନ ପ୍ରତି ଘନମିଟର(କ୍ୟୁବିକମିଟର) ପିଛା ୧୧୩ ମାଇକ୍ରୋଗ୍ରାମ ରହିଥିଲା। ତେବେ ଏହି ୨ବର୍ଷ ମଧ୍ୟରେ ଘନମିଟର ପିଛା ମାଇକ୍ରୋଗ୍ରାମ ପରିମାଣ ଆହୁରି ବୃଦ୍ଧି ପାଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଦ୍ୱାରା ନିର୍ଦ୍ଧାରିତ



- ରାଜ୍ୟର ୭ସହର ମଧ୍ୟରୁ କଳିଙ୍ଗନଗର ଅନ୍ୟତମ
- ଆଗକୁ ପ୍ରଦୂଷଣ ସାଂଘାତିକ ସମ୍ଭାବନା
- ପଦକ୍ଷେପ ସଂକ୍ରାନ୍ତରେ ଏନ୍‌ଜିଟିର ଜବାବ ତଲବ
- ସିଏଫ୍‌ଇ ରିପୋର୍ଟ ମଞ୍ଜୁରୀ ପରେ କାର୍ଯ୍ୟାନୁଷ୍ଠାନ

ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ମାଇକ୍ରୋଗ୍ରାମ କଣିକା ରହିବା କଥା। ଅନ୍ତର୍ଜାତୀୟସ୍ତରରେ ୨୦୧୧ରୁ ଭାରତର ବାୟୁ ପ୍ରଦୂଷଣ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। କଳିଙ୍ଗନଗର ବ୍ୟତିତ ଓଡ଼ିଶାର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ଅତି ପ୍ରଦୂଷଣ ତାଲିକାରେ ରହିଛି। ଶିଳ୍ପ ଓ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣକୁ ମାପିବା, ଏହାକୁ ନିୟମିତ ପ୍ରକାଶ କରିବା ଏବଂ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ସ୍ଥାପନ ପାଇଁ ଅନୁମତି ନ ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦାୟୀ କରାଯାଉଛି। କିନ୍ତୁ କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଅତି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା ହେବା ଜିଲାବାସୀଙ୍କ ପାଇଁ ସାଂଘାତିକ ହେବାରେ ଲାଗିଛି। ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ସୁକିନ୍ଦା ବ୍ଲକର ଗୋବରଘାଟି, ଓଳିଆ, ସଂସାଇଲୋ, ଡୁବୁରୀ, ବାରଗାଡ଼ିଆ ଓ ସାରଙ୍ଗପୁର ଏବଂ ଦାନଗଦୀ ବ୍ଲକର ଚାନ୍ଦିଆ, ନଡ଼ିଆଭଙ୍ଗା, ଧୂଳିଗଡ଼, ତ୍ରିଜଙ୍ଗା, ମାନତିରା, ଯଖପୁରା, କିନ୍ଦିରିଗଡ଼ିଆ ଗ୍ରାମ ପଞ୍ଚାୟତବାସୀ ସମ୍ପ୍ରତି ପ୍ରଦୂଷଣରେ ବୃଦ୍ଧି ହେଉଛନ୍ତି। ଏହି ପ୍ରଦୂଷଣ ଆଗାମୀ ଦିନରେ ସାରା ଜିଲାକୁ ଗ୍ରାସ କରିବ ବୋଲି ମତପ୍ରକାଶ ପାଇଛି। ବେଳହୁଁ ଥର୍ମାଲ ପାୱାର ପ୍ଲାଣ୍ଟ, କ୍ରଶର, ଚିମିନି ଭାଟି, ଯାନବାହାନ ପ୍ରଦୂଷଣ ଆଦିକୁ ନିୟନ୍ତ୍ରଣ କରା ନ ଗଲେ ଲୋକଙ୍କ ଜୀବନ ବାୟୁ, ଜଳ ଓ ଧୂଳିଧୂଆଁ ପ୍ରଦୂଷଣରେ ଦୁର୍ବିସହ ହେବା ନିଶ୍ଚିତ ବୋଲି କୁହାଯାଉଛି। ତେବେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି। ସେଣ୍ଟର ଫର୍ ଫାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ(ସିଏଫ୍‌ଇ) ଏଥିପାଇଁ ରାଜ୍ୟ ସରକାରଙ୍କ ଚୁକ୍ତି କରିଛି। ସିଏଫ୍‌ଇର ଏକ ପ୍ରତିନିଧିଦଳ କଳିଙ୍ଗନଗର ଗସ୍ତ କରି ପ୍ରଦୂଷଣ ସଂକ୍ରାନ୍ତୀୟ ନିରିକ୍ଷଣ ମଧ୍ୟ କରିସାରିଛନ୍ତି। ତେବେ ରାଜ୍ୟସ୍ତରୀୟ କମିଟି ଦ୍ୱାରା ସିଏଫ୍‌ଇର ରିପୋର୍ଟ ମଞ୍ଜୁରୀ ଲାଭ ପରେ ଏନ୍‌ଜିଟିରେ ଦାଖଲ କରାଯିବ। ତା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।

### ରେଙ୍ଗାଲି ଡ୍ୟାମ୍ ଗେଟ୍ ଖୋଲିଲା

## ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ବନ୍ୟା

ଧର୍ମଶାଳା,୨୬।୧୦(ଡି.ଏନ୍.ଏ.)

ଲଘୁଚାପ ଜନିତ ତିନିଦିନ ଧରି ପ୍ରବଳ ବର୍ଷା ଓ ଉପରମୁଣ୍ଡରେ ଥିବା ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ ଖୋଲିବା ଫଳରେ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ବନ୍ୟା ସୃଷ୍ଟି ହେବାକୁ ଯାଉଛି । ଶନିବାର ପୂର୍ବାହ୍ନ ସାଢେ ୯ଟାରେ ରେଙ୍ଗାଲି ଡ୍ୟାମ ଗୋଟିଏ ଗେଟ ଖୋଲିଛି। ଏହି ଗେଟ ମାଧ୍ୟମରେ ୨୧୩୬ ଘନଫୁଟ ପାଣି ଛଡ଼ାଯାଉଛି। ତେବେ ବନ୍ୟା ସୃଷ୍ଟି ହେଲେ ମଧ୍ୟ କୌଣସି ବିପଦ ନ ଥିବା ଜଳସେଚନ ବିଭାଗ ସୂଚନା ଦେଇଛି। ଲଘୁଚାପ ଜନିତ ବର୍ଷା ଯୋଗୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ବୁଧବାର ୮୬ସେମି, ଗୁରୁବାର ୧୧୦ସେମି ଓ ଶୁକ୍ରବାର ୯୦ସେମି ବର୍ଷା ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ବ୍ରାହ୍ମଣୀ ନଦୀର ଜଳ ପତନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ବ୍ରାହ୍ମଣୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ରେଙ୍ଗାଲି ଡ୍ୟାମରେ ଶନିବାର ସୁଦ୍ଧା ୧୨୪ ମିଟର ବର୍ଷାପାଣି ପହଞ୍ଚିଛି। ଏହି ଡ୍ୟାମ୍‌ରେ ବର୍ଷାପାଣି ୧୨୪ ମିଟର ହେବାରୁ ଗୋଟିଏ ଗେଟ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ଫଳରେ ବ୍ରାହ୍ମଣୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଜାରକା ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବାମା ପ୍ରସାଦ ବିଶ୍ୱାଳ ସୂଚନା ଦେଇଛନ୍ତି। ବ୍ରାହ୍ମଣୀ ନଦୀରେ ଗତ ୧୨ ତାରିଖରେ ପ୍ରଥମ ବନ୍ୟା ସୃଷ୍ଟି ହୋଇଥିଲା।

## ଧର୍ମଶାଳା ତହସିଲ ପକ୍ଷରୁ ଅସହାୟଙ୍କୁ ସହାୟତା

ଜେନାପୁର,୨୬।୧୦(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ଡଙ୍କୁଣୀଆ ମୁଣ୍ଡାସାହି ଗ୍ରାମର ଏକ ଅସହାୟ ପରିବାରକୁ ଧର୍ମଶାଳା ତହସିଲ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶମ୍ଭୁ ମେଲ୍‌ସା ଅତ୍ୟନ୍ତ ଗରିବ ଶ୍ରେଣୀର ଅଟନ୍ତି। ମୂଲ ଲାଗି ସ୍ତ୍ରୀ ଲକ୍ଷ୍ମୀ ଓ ଦୁଇ ବର୍ଷର ଶିଶୁ ପୁତ୍ରକୁ ବହୁ କଷ୍ଟରେ ଚଳାଇଥାନ୍ତି। ପୁଅର ପିଠିରେ ଏକ ଆବୁ ହୋଇଛି। ପୁଅଟି ଯନ୍ତ୍ରଣା ଛଟ ପଟ ହୋଉଥିବାବେଳ ଅର୍ଥ ଅଭବାରୁ ତାର ଚିକିତ୍ସା କରିବା ଅସମ୍ଭବ ହୋଇଛି। ଏହି ଭଳି ପରିସ୍ଥିତିରେ ସରକାରଙ୍କ କୌଣସି ସହାୟତା ତାଙ୍କ ପାଖରେ ପହଞ୍ଚି ପାରି ନଥିଲା। ତେବେ ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଧର୍ମଶାଳା ତହସିଲ୍ ସହାୟତାର ହାତ ବଢ଼ାଇଛି। ଶୁକ୍ରବାର ତହସିଲଦାର ସରୋଜ କୁମାର ପଣ୍ଡା ସମ୍ଭୁଙ୍କ ଘରେ ପହଞ୍ଚି ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବଳରାମପୁର ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।



ଶମ୍ଭୁଙ୍କ ପରିବାରକୁ ତହସିଲଦାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

## ଲଘୁଚାପ ଜନିତ ବର୍ଷା, ଚାଷୀକୁଳ ଆଶ୍ୱସ୍ତ

ଯାଜପୁର ରୋଡ,୨୬।୧୦(ନି.ପ୍ର.)

ଯାଜପୁର ରୋଡ ଅଞ୍ଚଳରେ ଚାଷ ଜମିକୁ ପାଣି ସମସ୍ୟା ଦେଖାଦେଇଥିବାବେଳେ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ମଧ୍ୟରେ ଆଶ୍ୱସ୍ତ ଆଣିଛି। ଧାନ ଫସଲ ସାଙ୍ଗକୁ ଅନ୍ୟାନ୍ୟ ଫସଲକୁ ପାଣି ଯୋଗାଣ ପାଇଁ ପମ୍ପ୍ ଓ ଉଠା ଜଳସେଚନ ପଏଣ୍ଟ ଏକ ମାତ୍ର ମାଧ୍ୟ ହୋଇଥାଏ। ଏହି ଅଞ୍ଚଳର ଅଧିକାଂଶ ଚାଷ ଜମିକୁ ପାଣି ମଡାଇବାର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ସ୍ୱାଭାବିକ୍ ବର୍ଷା ହେବା ଫଳରେ ଧାନଫସଲ ଭଲ ହେବ ବୋଲି ବହୁ ଚାଷୀ କହିଛନ୍ତି। ଚାଷୀମାନେ ବିଲରେ ପାଣି ବନ୍ଧାଇ ସାର ପକାଇବା ଆରମ୍ଭ କରିଥିବା ଜଣାପଡିଛି।

## ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁରେ ସ୍ମୃତିସଭା





ସ୍ମିତାରାଣୀଙ୍କ ଏକାଦଶାହ ସ୍ମୃତିସଭାରେ ଅତିଥିବୃନ୍ଦ।

ଧର୍ମଶାଳା ୨୬।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ଏକାଦଶାହରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଛି। ଭୁବନପୁରଠାରେ ସତୀଶ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଭାଜପା ଜିଲା ସଭାପତି ଗୌତମ ରାୟ, ଧର୍ମଶାଳା ଭାଜପା ବିଧାୟକ ପ୍ରାର୍ଥୀ ରମେଶ ପରିଡ଼ା, ବଡଚଣା ଭାଜପା ବିଧାୟକ ପ୍ରାର୍ଥୀ ଅମର ନାୟକ, ଯୁବନେତା ପବିତ୍ର ଦାଶ, କାହ୍ନୁ ଚରଣ ସାଶ, ମୋନାଲିସା ଦାସ, ଅଧିର କୁମାର ଜେନା, ଚନ୍ଦ୍ରମଣି ପଣ୍ଡିତ, ମହେନ୍ଦ୍ର ପଣ୍ଡା, ମନୋଜ ରାଉଳ, ଧର୍ମଶାଳା କଂଗ୍ରେସ ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହି, ଶୀନାଥ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମିତାରାଣୀ ମୃତ୍ୟୁ ପାଇଁ ଏସ୍‌ପିଙ୍କ ଗଣମାଧ୍ୟମରେ ମନ୍ତବ୍ୟ ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। । ଏଥିସହ ବ୍ଲକର ବିଡିଓ ହେମନ୍ତ ସ୍ୱାଇଁ, ଏବିଡିଓ ଉପେନ୍ଦ୍ର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବିକାସେବକ ଓ କର୍ମଚାରୀବୃନ୍ଦ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତା ପିଇଓ ସ୍ମିତାରାଣୀ ଜଣେ ସଚ୍ଚୋଟ, ଦକ୍ଷ କର୍ମଚାରୀ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ଏସ୍‌ପିଙ୍କ ବିରୋଧରେ ଫୌଜଦାରି ମାମଲା ଦାବିକଲା ଭାଜପା

ରସୁଲପୁର,୨୬।୧୦(ଡି.ଏନ୍.ଏ.)

**ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**



ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁର ୧୧ଦିନ ପରେ ବି ବିରୋଧୀଙ୍କ ସ୍ୱର ତୁପ ହେବାର ନା ନେଉ ନାହିଁ। ଉକ୍ତ ମାମାଲକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ନିଶାନା କରିଛନ୍ତି। ମୃତା ପିଇଓଙ୍କ ମାମଲାରେ ଏସ୍‌ପି ମୀନା ଗଣମାଧ୍ୟମ ସମ୍ମୁଖରେ ବୟାନବାଜୀକୁ ବିରୋଧୀ ସହଜରେ ଗ୍ରହଣ କରି ପାରି ନାହାନ୍ତି। କଂଗ୍ରେସ ଗତ ୨୩ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଓ କରିଥିବାବେଳେ ଶନିବାର ଭାଜପା ଜିଲାର ସମସ୍ତ ଥାନାରେ ଏସ୍‌ପିଙ୍କ ବିରୋଧରେ ଏତଲା ଦେଇଛି। ଏଥିସହ ଏସପିଙ୍କ ନାଁରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଦାବି କରିଛି। ଏପରି କି ଏସ୍‌ପିଙ୍କ ମୋବାଇଲ କଲ୍ ରେକର୍ଡକୁ ଯାଞ୍ଚ କରି ଏହି ମାମଲାରେ ସେ କାହା ସହ ବାର୍ତ୍ତାଳପ କରିଛନ୍ତି ତାକୁ ସ୍ପଷ୍ଟ କରାଯାଉ ବୋଲି ଭାଜପା ଦାବି କରିଛନ୍ତି । ଭାଜପା ନେତା ତଥା ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡ଼ା, ଯାଜପୁର ଜିଲା ସମ୍ପାଦକ ଶଶିଭୂଷଣ ସାହୁ, ସମିତିସଭ୍ୟ ଚୈତନ୍ୟ ନାୟକ, ପ୍ରଭାରୀ ମୁକୁନ୍ଦଦେବ ମହାନ୍ତି, ବଟକୃଷ୍ଣ ସାହୁ, ଶଶିଭୂଷଣ ଦାଶ, ରବିନ୍ଦ୍ର ରଥ, ମଣ୍ଡଳ ସଭାପତି ଦେବକାନ୍ତ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ଏକ ଶୋଭାଯାତ୍ରାରେ ଆସି କୁଆଖିଆ ଥାନାରେ ପହଞ୍ଚି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନିକଟରେ ପହଞ୍ଚି ଥାନାରେ ଏତଲା ଦେଇଥିଲେ। ଖୋଦ୍ ଜିଲାପାଳ ପିଇଓଙ୍କ ମୃତ୍ୟୁ ହୋଇଥିବା ଗେଷ୍ଟହାଉସକୁ ବେଆଇନ ବୋଲି ଦର୍ଶାଇବା ଘଟଣା ଅଭିଯୁକ୍ତଙ୍କ କଳାସାମ୍ରାଜ୍ୟ ଉପରୁ ପରଦା ହଟାଇ ଦେଇଛି। ହେଲେ ଏସ୍‌ପି ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଜନପ୍ରତିନିଧି ଓ ରାମ୍‌କୋ ସିମେଣ୍ଟ କାରଖାନାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜେରା ନ କରିବା ପ୍ରଥମ ଦିନରୁ ମାମଲାକୁ ରଫାଦଫା କରିବା ସହ ଅଭିଯୁକ୍ତକୁ ଘଣ୍ଟ ଘୋଡାଉଥିବା ସ୍ପଷ୍ଟ ହେଉଛି ବୋଲି ଭାଜପା ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି।



### ସ୍ମିତାରାଣୀଙ୍କୁ ଝୁରୁଛନ୍ତି ଚାରିବାଟିଆ ଗାଁ ଲୋକେ

ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଚାରିବାଟିଆ ଗାଁ ଲୋକେ। ଶେଷଥର ପାଇଁ ସ୍ମିତାଠାରୁ ଭତ୍ତା ଗ୍ରହଣ କରିଥିବା ୮୫ବର୍ଷିୟା ବୃଦ୍ଧା ତାରିଣୀ ଦାସଙ୍କ ମତରେ ସେ ଭଲ ଝିଅଟିଏ ଥିଲା । ପ୍ରତି ମାସରେ ଆସି ଘରେ ଭତ୍ତା ଟଙ୍କା ଦେଇ ଯାଏ। ତାର ଟାଇଲ(ଷ୍ଟାଇଲ) ନ ଥିଲା। ଶେଷଥର ଭତ୍ତା ଦେବା ବେଳେ ବର୍ଷା ହେବାରୁ ସେ ସରସ୍ୱତୀ ମଣ୍ଡପରେ ନ ବସି ଘରକୁ ଆସି ଟଙ୍କା ଦେଇ ଯାଇଥିଲା। ହେଲେ ୪ଟା ବେଳକୁ ସେ ମରିଯାଇଛି ବୋଲି ଖଣ୍ଡାୟତ ସାହିର ପିଲା ଆସି କହିଲେ। ଟିଭିରେ ମଧ୍ୟ ତା କଥା କହିଥିଲା। ସେ ଭଲ ଝିଅଟା କେମିତି ମରିଗଲା ବୋଲି ପ୍ରଶ୍ନ କରିଛନ୍ତି ତାରିଣୀ।

### ଡାକ୍ତରଖାନାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପସ୍ଥିତିକୁ ନେଇ ଚର୍ଚ୍ଚା

ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟିବା ଦିନ ଅଭିଯୁକ୍ତ ରୂପେଶ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାଏ ମଧ୍ୟ ଆସି ଡାକ୍ତରଖାନାରେ ପହଞ୍ଚିଥିଲେ। ଏପରି କି ଏକାଧିକ ୩୩୩୩ ନମ୍ବର ଥିବା ସୌଖୀନ କାରରେ ବି କେତେକ ବିଜେଡି ନେତା ଆସି ଡାକ୍ତରଖାନାରେ ପହଞ୍ଚି ଥିଲେ ବୋଲି ସେଠାରେ ଉପସ୍ଥିତ ଥିବା ଚୋରମୁହାଁ ଗ୍ରାମବାସୀଙ୍କୁ ମୁହଁରୁ ଶୁଣିବାକୁ ମିଳିଛି। ତେବେ ଘଟଣା କ'ଣ ଏମିତି ହେଲା ଯେ ଏବେ ଖୋଦ୍ ଅଧ୍ୟକ୍ଷ ଏହି ଘଟଣାରେ ଗଣମାଧ୍ୟମରେ ମୁହଁ ଖୋଲିବାକୁ ଅରାଜିହେଉଛନ୍ତି। ଏହାକୁନେଇ ଏବେ ଚର୍ଚ୍ଚା ଖୁବ୍ ହେଉଛି।

### ଏକାଦଶାହରେ ବି ଦୁଆରେ ପହଞ୍ଚିଲେନି ବିଜେଡି ନେତା

ମରିବା ଲୋକ ସହ ଶତ୍ରୁତା କରାଯାଏ ନାହିଁ। ବସ୍ତୁବାଦୀ ସମାଜର ସମସ୍ତ ବାଦବିବାଦ ମରିଯିବାରେ ଶେଷ ହୋଇଯାଏ । ତେବେ ଏଠି ବିଜେଡି ନେତାଙ୍କ ସ୍ମିତାରାଣୀ ସହ କି ବିବାଦ ଥିଲା ଯେ, ସେ ମରିବାର ୧୧ଦିନ ପରେ ବି ସରିଲା ନି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ମାଳ ବିଜେଡି ନେତା ଥାଉ ଥାଉ ଇତିମଧ୍ୟରେ କେହି ଜଣେ ହେଲେ ନେତାଙ୍କ ପାଦ ମୃତା ସ୍ମିତାରାଣୀଙ୍କ ଘରେ ପଡ଼ିଲା ନାହିଁ। ଏପରିକି ଶନିବାର ସ୍ମିତାରାଣୀଙ୍କ ଏକାଦଶାହରେ ଯୋଗଦେବା ପାଇଁ ସ୍ୱାମୀ ସୁଶୀଲ ବିଶ୍ୱାଳ ଧର୍ମଶାଳା ବିଧାୟକ, ଯାଜପୁର ଏମ୍‌ପି, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ, ସ୍ଥାନୀୟ ଜିଲାପରିଷଦ ସଦସ୍ୟଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରେ ବିଫଳ ହୋଇଥିଲେ । ଏ ସମସ୍ତ ନେତାଗଣ ଫୋନ ନ ଉଠାଇବାରୁ ସେ ନିମନ୍ତ୍ରଣ କରିପାରିଲେ ନାହିଁ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଲାଗି ରହିଛି।

### ଖୁସି ପାଇଁ ଚକୋଲେଟ,ଆଇସକ୍ରିମ୍ ଆଣିଲେ କଂଗ୍ରେସ ନେତ୍ରୀ

ମୃତା ପିଇଓଙ୍କ ଏକାଦଶାହରେ ଶ୍ୱଶୁର ଘର ଗଡ଼ମଧୁପୁର ପଞ୍ଚାୟତ ଭୁବନପୁର ଗ୍ରାମରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଯୋଗଦେବାକୁ ଯାଇଥିଲେ। ମୃତା ପିଇଓଙ୍କ ୪ବର୍ଷର ଶିଶୁକନ୍ୟା ଖୁସି ପାଇଁ ସାଙ୍ଗରେ ଚକୋଲେଟ୍, ଆଇସ୍କ୍ରିମ ଓ ଟେଡି ଖେଳଣା ନେଇଥିଲେ । ଝିଅ ଖୁସିକୁ ଭେଟିଥିଲେ। ହେଲେ ଖୁସି ମୁହଁରୁ ଖୁସି ଉଭେଇ ଯାଇଥିଲା । ପୂର୍ବ ଭଳି ତା ମୁହଁରେ ଖୁସି ନ ଥିଲା ବୋଲି ନେତ୍ରୀ ପହି ଅନୁଭବ କରିଥିଲେ। ଖୁସିକୁ କାଖେଇ କୋଳେଇ ତା ମୁହଁରେ ଖୁସି ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ । ଏହାସତ୍ତ୍ୱେ ବି ଖୁସିର ମନ ମାନି ନ ଥିଲା । ବୋଧହୁଏ ସେ ମନେ ମନେ ତା ମା'କୁ ଖୋଜୁଥିଲା ।

## ସଂକ୍ଷେପରେ

### ଗୋପିଆକୁଦରେ ସତ୍‌ସଙ୍ଗ

କୁଜଙ୍ଗ,୨୬।୧୦(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ତାଳଦଣ୍ଡା ଗ୍ରାମସ୍ଥିତ ହରିହର କ୍ଷେତ୍ର ରୂପେ ପରିଚିତ ତତ୍ତ୍ୱାଶ୍ରମରେ ବାବା ଭାବଗ୍ରାହୀ ଦାସଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ଏହି ଅବସରରେ ପଞ୍ଚମ ପ୍ରହର ନାମଯଜ୍ଞ, ସତ୍‌ସଙ୍ଗ, ଭଜନ ଓ ଅନ୍ୟାନ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମର ପ୍ରତିଷ୍ଠାତା ତଥା ଉଦୟବଟ ଧାମର ପ୍ରମୁଖ ଗୁରୁ ଡା. ଭଗବାନ ଦାସଙ୍କ ପରମ ଶିଷ୍ୟ ଭାବଗ୍ରାହୀ ଦାସଙ୍କ ୩୯ତମ ଏହି ଜୟନ୍ତୀ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରକାଶ ଯେ, ରାମାୟଣର ସରଳ ବ୍ୟାଖାକାର ଏହି ଯୁବ ସନ୍ୟାସୀ ରାମଚରିତ ସୁଧାଧାର ରଚନା ସାଙ୍ଗକୁ କଳ୍କୀ ଭାଗବତ ସହ ବହୁ ଗୁଢ଼ ସଂସ୍କୃତ ଶାସ୍ତ୍ରର ସରଳ ରଚନା କରିଛନ୍ତି।

### ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ,୨୬।୧୦(ସ୍ୱ.ପ୍ର.): ପାରାଦୀପର ସିୱେଜ୍ କମ୍ପାନୀର ଜିଏମ୍ ମହେନ୍ଦ୍ର ସ୍ୱାଇଁଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଶନିବାର ବାଲିଝରା ସନ୍ତୋଷୀ ଜରାଶ୍ରମରେ ପାଳିତ ହୋଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। କମ୍ପାନୀର କର୍ମଚାରୀମାନେ ଜରାଶ୍ରମ ଅନ୍ତେବାସୀଙ୍କ ଗହଣରେ ଏହି ଦିବସ ପାଳନ କରିଥିଲେ। ଏଥିସହ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ପାରାଦୀପ ବନ୍ଦର ଇତିହାସରେ ତାଙ୍କ ସଂଘର୍ଷ ଓ ଜୀବନ କାହାଣୀ ସବୁଦିନ ପାଇଁ ମନେ ରହିବ ବୋଲି ସାଥି କର୍ମଚାରୀ ଓ ଆତ୍ମୀୟମାନେ କହିଥିଲେ।

### ବିଦ୍ୟାଳୟରେ ଚାରାରୋପଣ



ବାଲିକୁଦା,୨୬।୧୦(ସ୍ୱ.ପ୍ର.): ବୋରିକିନା ପଞ୍ଚାୟତର ଦୁଆ ଓଳାଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ କାର୍ତ୍ତିକ ମୁଦୁଲି, ମରିଚିପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାପତି ଅଶୋକ ଦାସ, ସଦସ୍ୟ ତ୍ରିଲୋଚନ ମହାନ୍ତି, ଖବରଦାତା ସଞ୍ଜୟ ମହାନ୍ତି, ଶିକ୍ଷୟିତ୍ରୀ ଶଶିକଳା ପାତ୍ର, ସହକାରୀ ଶିକ୍ଷୟିତ୍ରୀ ମିତା କୁମାରୀ ସେନାପତି, ଅମିତା ନାୟକ, ମନସ୍ୱିନୀ ମହାନ୍ତି, ଛାତ୍ରୀ ଅଙ୍କିତା ଗୋଚ୍ଛାୟତ ପରିବେଶ ସଚେତନତା ଧର୍ମୀ ବାର୍ତ୍ତା ପ୍ରଦାନ କରିଥିଲେ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ହେଲେ ପର୍ଯ୍ୟାପ୍ତ ଚାରା ରୋପଣ କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ।

■ ପୁରାତନ ସ୍କୁଲ ଗୃହ ଭାଙ୍ଗିବାକୁ ବିରୋଧ

# ଜିଲାପାଳଙ୍କୁ ଦାବି ଜଣାଇଲେ ଗ୍ରାମବାସୀ

■ଠିକ୍ ମାପଚୁପକୁ ନେଇ ଉଠିଲା ପ୍ରଶ୍ନ
■ଯୁବକ ସଂଘ ଗୃହ ନିର୍ମାଣ ପାଇଁ ଅଛି ଜମି

ରଘୁନାଥପୁର, ୨୬।୧୦ (ଡି.ଏନ.ଏ.)



ବିଦ୍ୟାଳୟ ପୁରାତନ ଗୃହ ନ ଭାଙ୍ଗିବା ପାଇଁ ଗ୍ରାମବାସୀମାନେ ଦାବି ଜଣାଉଛନ୍ତି।

ରଘୁନାଥପୁର ବ୍ଲକ ରେଡୁଆ ପଞ୍ଚାୟତ ହାଟଗ୍ରାମସ୍ଥିତ ଏକ ପୁରାତନ ସ୍କୁଲ ଗୃହକୁ ଭଙ୍ଗାଯିବା ନେଇ ଉପଜିଲାପାଳଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ପୁନର୍ବିଚାର କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ସ୍କୁଲ ଗୃହକୁ ଲାଗି ରହିଥିବା ବୃନ୍ଦାବନ ଚନ୍ଦ୍ର ଆଞ୍ଚଳିକ ଯୁବକ ସଂଘର ଜମି ଉପରେ ସ୍କୁଲ ଗୃହ ରହିଥିବା ନେଇ ହୋଇଥିବା ମାପର ବୈଧତାକୁ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। ଅପରପକ୍ଷରେ ଯୁବକ ସଂଘ ଜମି ଉପରେ ଏକ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଜାଗା ରହିଥିବାରୁ ଅଯଥା ବିଦ୍ୟାଳୟର ପୁରାତନ ଗୃହକୁ ଭଙ୍ଗା ନ ଯାଉ ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି। ଶନିବାର ପୂର୍ବତନ ସରପଞ୍ଚ ତପନ ମଲ୍ଲିକ ଓ ସ୍ଥାନୀୟ ଗ୍ରାମର ବସନ୍ତ ବାରିକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବୃନ୍ଦାବନ ଚନ୍ଦ୍ର ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଦା ପ୍ରସନ୍ନ ରାଉତଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାଛଡା ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିବା ସମ୍ପର୍କରେ ପ୍ରକାଶ କରିଥିଲେ। ତେବେ ଉପଜିଲପାଳ, ଜିଲା ଶିକ୍ଷାଧିକାରିଣୀଙ୍କୁ ଗତ ୨୫ ତାରିଖରେ ବିପଦସଙ୍କୁଳ ସ୍କୁଲ ଗୃହକୁ ଭାଙ୍ଗି ଯୁବକ ସଂଘର ଜମି ଉନ୍ମୁକ୍ତ କରିବାକୁ ଦେଇଥିବା ନିର୍ଦ୍ଦେଶନାମାକୁ କୌଣସି କାରଣରୁ ବନ୍ଦ ରଖାଯିବା ଏବଂ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ ପ୍ରଧାନ ଶିକ୍ଷକଙ୍କୁ ଫୋନ୍ ଯୋଗେ ଜଣାଇବା ପରେ ସେ ଗ୍ରାମବାସୀଙ୍କୁ କହିଥିଲେ। ଜିଲାପାଳଙ୍କ ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିଥିବାବେଳେ ସ୍ଥାୟୀ ପଦକ୍ଷେପ ପ୍ରଶାସନ ପକ୍ଷରୁ ନିଆ ନ ଯିବା ପର୍ଯ୍ୟନ୍ତ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ପ୍ରକାଶଯୋଗ୍ୟ, ୧୯୪୨ରେ ବୃନ୍ଦାବନ ଚନ୍ଦ୍ର ମଠ ସମ୍ପତ୍ତି ଉପରେ ଏହି ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ଚାଲୁଥିଲା। କାଳକ୍ରମେ ଏହା ଅନ୍ୟତ୍ର ସ୍ଥାନାନ୍ତର ହୋଇଯିବାରୁ ଉକ୍ତ ଜମି ଖାତା ନଂ. ୧୩୪ ପ୍ଲଟ ନଂ. ୫୧ ଏ୦.୫୦ ଡିସିମିଲ ଜମି ବିଦ୍ୟାଳୟ ନାମରେ ରହିଛି। ସେହି ଜାଗାକୁ ଲାଗି ୧୯୮୦ରେ ମଠ ଅଧିକାରୀ ୨ ଡିସିମିଲ ଜମି ଯୁବକ ସଂଘକୁ ଦାନ ସୂତ୍ରରେ ପ୍ରଦାନ କରିଥିଲେ। ଉଭୟ ଜମି ପାଖାପାଖି ରହିଥିବାରୁ ସରଜମିନ୍ ଚିହ୍ନଟରେ ସମସ୍ୟା ଉପୁଜୁଛି। ଏହାଛଡା ଉକ୍ତ ଜମି ଉପରେ ଥିବା ଏକ ଶ୍ରେଣୀ ଗୃହକୁ ଭାଙ୍ଗି ଏହାର ଆଜବେଷ୍ଟସ, କଡିବରଗା ଓ ଟେବୁଲ ଚେୟାର ନେଇ ଯାଇଥିବା ବେଳେ ମିଥ୍ୟା ଅଭିଯୋଗ କରି ସ୍କୁଲ ସମ୍ପତ୍ତି ହଡପ କରିବାକୁ ବିଧିବଦ୍ଧ ଚକ୍ରାନ୍ତ କରାଯାଇଥିବା ସମ୍ପର୍କରେ ଗ୍ରାମବାସୀ ସଙ୍ଗିନ ଅଭିଯୋଗ କରିଛନ୍ତି। ଏ ପରିପ୍ରେକ୍ଷୀରେ ଯୁବକ ସଂଘର ସଭାପତି ଓ ସମ୍ପାଦିକାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଥିବା ଏବଂ ଠିକ୍ ଜାଗା ନିରୂପଣ ପାଇଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିବା ପ୍ରକାଶ କରିଥିଲେ। ସୁକାନ୍ତ ପାତ୍ର, ନୃସିଂହ ଚରଣ ଜେନା, କେଶବ ପଣ୍ଡା, ରାଜେନ୍ଦ୍ର ମହାପାତ୍ର, ଗଜେନ୍ଦ୍ର ସ୍ୱାଇଁ, କୈଳାସ ସେଠୀ, ଦେବ ପ୍ରସାଦ ମଲ୍ଲିକ ପ୍ରମୁଖ ପୁରାତନ ଗୃହ ନ ଭାଙ୍ଗିବା ପାଇଁ ଦାବି କରିଛନ୍ତି।

### ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପ୍ରତିଯୋଗିତା

ବିରିଡ଼ି/ବାଲିଆ,୨୬।୧୦(ଡି.ଏନ.ଏ.)

ଡିସେମ୍ବର ୨ ତାରିଖରେ ହେବାକୁଥିବା ମହାପୁରୁଷ ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଅଡଙ୍ଗ ନାଇଲୋସ୍ଥିତ ଯଶୋବନ୍ତ ବିଦ୍ୟାପୀଠରେ ଶନିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଏଥିରେ ୯ମ ଓ ୧୦ମ ଶ୍ରେଣୀର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଡ. ସୁରେଶ ଚନ୍ଦ୍ର ଜେନା, ଗୀତିକବି ବାମଦେବ ସ୍ୱାଇଁ ବିଚାରକ ଭାବେ ଯୋଗ ଦେଇଥିଲେ।

ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ସୀତାଂଶୁ ଶେଖର ରାୟ, ସୁବ୍ରତ ମହାପାତ୍ର, ଗଗନ ବିହାରୀ ଦାସ, ଅଶୋକ ଦାସ, ସୁରେଶ ଚନ୍ଦ୍ର ଜେନା, ବାମଦେବ ସ୍ୱାଇଁ, ବିଶ୍ୱନାଥ ଦାସ, ଅଲେଖ ବାରିକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ମହାପ୍ରୟାଣ ଦିବସ ତଥା ଓଢଣ ଷଷ୍ଠୀ ଅବସରରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ।

ଏସ୍‌ଭିଏମ୍ ମହାବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ.)

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟସ୍ଥିତ ସ୍ୱାମୀ ବିବେକାନନ୍ଦ ମେମୋରିଆଲ (ଏସ୍‌ଭିଏମ) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ସୁପ୍ରିମକୋର୍ଟ ଆଡ୍‌ଭୋକେଟ୍ ତଥା ଏଆଇସିସି ମାନବ ଅଧିକାର ବିଭାଗ ଓଡ଼ିଶା ସଂଯୋଜକ ଡ. ସୁଶାନ୍ତ କୁମାର କାନୁନ୍‌ଗୋ ରାଜ୍ୟପାଳ ଗଣେଶି ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଏହି କଲେଜରେ ୨୦୧୫ ଶିକ୍ଷାବର୍ଷରେ ସ୍ନାତକ ଶ୍ରେଣୀରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ମାତ୍ରାଧିକ ଫି ଆଦାୟ କରାଯାଇଛି। ୨୦୧୮ରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ତେବେ ସେମାନଙ୍କୁ ଦିଆଯାଇଥିବା ପ୍ରୋଭିଜନାଲ ସାର୍ଟିଫିକେଟରେ ଥିବା ରେଜିଷ୍ଟ୍ରେଶନ ନମ୍ବର ନକଲି ବୋଲି ଜଣାଯାଇଛି, ଯାହାକି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନୁମୋଦନ ପାଇନାହିଁ। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ମାଇଗ୍ରେଶନ ସାର୍ଟିଫିକେଟ ମିଳି ନ ଥିବାରୁ ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଡ. କାନୁନ୍‌ଗୋଙ୍କ ସହ ଜଗତ୍‌ସିଂହପୁରର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ମଧ୍ୟ ରାଜ୍ୟପାଳଙ୍କୁ ଭେଟି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।



ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଆଡଭୋକେଟ୍ ସୁଶାନ୍ତ କାନୁନ୍‌ଗୋ ଦାବିପତ୍ର ଦେଉଛନ୍ତି।

## ବନ୍ଧୁକ ଦେଖାଇ ଗହଣା ଲୁଟ୍

ତିର୍ତ୍ତୋଲ,୨୬।୧୦(ଡି.ଏନ.ଏ.)

ବନ୍ଧୁକ ଦେଖାଇ ଶନିବାର ସନ୍ଧ୍ୟାରେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍ କରିଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି ତିର୍ତ୍ତୋଲ ଥାନା ଅଧୀନ ଗୋପାଳପୁର ପଞ୍ଚାୟତ ପୁଟିଙ୍ଗ ଗ୍ରାମର ରଞ୍ଜନ ମଲ୍ଲିକ ଓ ତାଙ୍କ ପରିବାର। ରଞ୍ଜନ ପରିବାର ସହ ଭୁବନେଶ୍ୱରରେ ରୁହନ୍ତି। ଗତକାଲି ଧନତେରାସ ଥିବାରୁ କିଛି ଗହଣା କିଣି ଦୀପାବଳି ପାଳନ କରିବା ପାଇଁ ପରିବାର ସହ ଘରକୁ ଫେରୁଥିଲେ। ସେମାନେ ୨ଟି କାର୍ ଯୋଗେ ଆସୁଥିବାବେଳେ ପୁଟିଙ୍ଗ-ପଟିଲୋ କେନାଲ ବନ୍ଧର ଖଡ଼ିପଡ଼ିଆ ନିକଟରେ ୨ ବାଇକ୍‌ରେ ୪ ଦୁର୍ବୃତ୍ତ ଆସି ହଠାତ୍ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ରହିବା ପରେ ଦୁର୍ବୃତ୍ତ ବନ୍ଧୁକୁ ଦେଖାଇ ସୁନା ଗହଣା ମାଗିଥିଲେ। ଫଳରେ ଭୟଭୀତ ହୋଇ ରଞ୍ଜନ ଓ ତାଙ୍କ ପରିବାର ଲୋକେ ସବୁ ଗହଣା ଦେଇ ଦେଇଥିଲା। ଏହାପରେ ସେମାନେ ପିନ୍ଧିଥିବା ଗହଣାକୁ ମଧ୍ୟ ଦୁର୍ବୃତ୍ତ ବଳପୂର୍ବକ ଖୋଲି ନେଇ ପଳାଇଥିଲେ। ଦୁର୍ବୃତ୍ତମାନେ ମୁଖା ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଘଟଣା ପରେ ସେଠାରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଏହାପରେ ରଞ୍ଜନ ସ୍ଥାନୀୟ ଥାନାକୁ ଫୋନ୍ ଯୋଗେ ଜଣାଇଥିଲେ। ହେଲେ ଖବର ଲେଖାହେବାବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।

## ଗୋଟିଏ ରାତିରେ ୬ ଦୋକାନ ଶଟର ଭାଙ୍ଗି ଚୋରି

ବିରିଡ଼ି/ବାଲିଆ,୨୬।୧୦(ଡି.ଏନ.ଏ.)



ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ କରୁଛି।

**ପୁରଣ ହାଟ ବଜାର**
■୨ଲକ୍ଷ ଟଙ୍କା, ଲକ୍ଷାଧିକ ଟଙ୍କାର ଜିନିଷ ଚୋରି
■ଘଟଣାସ୍ଥଳରେ ତଦନ୍ତ କଲେ ଏସପି, ଏସ୍‌ଡିପିଓ
■ଫାଣ୍ଡି ପ୍ରତିଷ୍ଠା ସହ ପାଟ୍ରୋଲିଂ ବଢ଼ାଇବାକୁ ଦାବି

ବିରିଡ଼ି ଥାନା ୨୨ ମୌଜାର ବ୍ୟବସାୟୀକ ପେଣ୍ଠସ୍ଥଳ ପୁରଣ ହାଟ ବଜାରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବଜାରରେ ଥିବା ୬ଟି ଦୋକାନର ଶଟର ଭାଙ୍ଗି ପ୍ରାୟ ୨ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଶନିବାର ସକାଳେ ଦୋକାନ ମାଲିକମାନେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର, ଏସଡିପିଓ ପ୍ରକାଶ ପାଲ ଓ ବିରିଡ଼ି ଥାନା ଅଧିକାରୀ ପାରୋ ଟୁଡୁ ପ୍ରମୁଖ ହାଟ ବଜାରରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଦୋକାନୀମାନେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ମାର୍କେଟ କମ୍ପ୍ଲେକ୍ସରେ ଥିବା ୫ଟି ଦୋକାନ ଓ ଅନ୍ୟ ଜାଗାରେ ଥିବା ଏକ ଦୋକାନରୁ ସଟର ଭାଙ୍ଗି ଚୋରି କରିନେଇଥିଲେ। ମାର୍କେଟ କମ୍ପ୍ଲେକ୍ସରେ ଥିବା ବିଶ୍ୱଭୂଷଣ ଦାଶଙ୍କ ଔଷଧ ଦୋକାନରୁ ୭୦ ହଜାର ଟଙ୍କା, ଜୀବନକାନ୍ତ ଦାଶଙ୍କ ଭେରାଇଟ ଷ୍ଟୋର ଦୋକାନରୁ ୩୭ ହଜାର, ନିରଞ୍ଜନ ନନ୍ଦଙ୍କ ଡ୍ରେସ ଦୋକାନରୁ ୩୧ ହଜାର ୫ଶହ ଟଙ୍କା ସହ ଲୁଗା, ଗାମୁଛା ଇତ୍ୟାଦି, ଆଶୋକ କୁମାର ପ୍ରଧାନଙ୍କ ଗ୍ରୋସରୀ ଦୋକାନରୁ ୨୫ ହଜାର ଟଙ୍କା ସହ ହର୍ଲିକ୍ସ ଦୁଇଟି, ନିବେଦିତା ସ୍ୱାଇଁଙ୍କ ଟେଲର ଦୋକାନରୁ ୩ ହଜାର ଟଙ୍କା ସହ ଲୁଗା ଏବଂ ବ୍ଲାଉଜ ଆଦି ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ସେହିପରି କିଶୋର ଓଝାଙ୍କ କପଡା ଦୋକାନରୁ ୧୦ ହଜାର ଟଙ୍କା, ଲୁଙ୍ଗି, ଗାମୁଛା, ଡ୍ରେସ୍ ଆଦି ନେଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାର୍କେଟ କମ୍ପ୍ଲେକ୍ସରେ ଥିବା ୫ଟି ଦୋକାନରୁ ଚୋରି ସମ୍ପର୍କରେ ମାମଲା ନଂ. ୧୩୨/୧୯ ଏବଂ କିଶୋର ଓଝାଙ୍କ ଦୋକାନରୁ ଚୋରି ନେଇ ମାମଲା ନଂ. ୧୩୩/୧୯ରେ ରୁଜୁ ହୋଇଛି। ଏହି ଘଟଣାକୁ ନେଇ ପୂରଣ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଯୋଗେ ଘଟଣାସ୍ଥଳରେ ତଦନ୍ତ କରିଛି। ପୋଲିସ କୁକୁର ଦୋକାନଠାରୁ ମାତ୍ର ୨୦ ମିଟର ଦୂରରେ ଥିବା ପରିତ୍ୟକ୍ତ ପଶୁ ଚିକିତ୍ସା କେନ୍ଦ୍ର ପର୍ଯ୍ୟନ୍ତ ଯାଇ ସେଠାରେ ଅଟକି ଥିଲା। ପରେ ପୁରଣ ବଜାର ଓ ହାଟ ଅଞ୍ଚଳ ବୁଲି ଆଉ ଆଗକୁ ଯାଇପାରି ନ ଥିଲା। ତେଣୁ ଦୁର୍ବୃତ୍ତମାନେ ସେଠାରୁ ଗାଡ଼ି ଯୋଗେ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଏହି ଚୋରି ଘଟଣା ପରେ ପୁରଣ ବଜାରରେ ଏକ ଫାଣ୍ଡି ପ୍ରତିଷ୍ଠା କରି ଜନସାଧାରଣଙ୍କ ଧନଜୀବନକୁ ସୁରକ୍ଷା ଦେବା ପାଇଁ ୨୨ମୌଜା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କସ୍ତୁରୀ ଚରଣ ବେହେରା, ସମ୍ପାଦକ ସୁଦର୍ଶନ ଭୋଇ, ଶିକ୍ଷାବିତ ଅରୁଣ କୁମାର ଦାସ, ବଂଶୀଧର ଦାଶ, ବ୍ରଜକିଶୋର ଦାଶ, ପରେଶ କୁମାର ଶତପଥୀ, ବସନ୍ତ କୁମାର ଦାଶ, ସୁକାନ୍ତ ମିଶ୍ର, ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି। ଏଥିସହ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଧରିବାକୁ ସେମାନେ ଦାବି ଜଣାଇଛନ୍ତି। ସେହିପରି ପୁରଣ ରଘୁନାଥ ହାଟ କମିଟି ସଭ୍ୟମାନେ ମଧ୍ୟ ଅନୁରୂପ ଦାବି କରିବା ସହ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପୋଲିସକୁ ଜଣାଇଛନ୍ତି।

## ବସନ୍ତ ମଞ୍ଜରୀଙ୍କୁ 'ଶ୍ରୀନାଥ ସ୍ମୃତି ସମ୍ମାନ'

ତିର୍ତ୍ତୋଲ,୨୬।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସଙ୍କୁ ଚଳିତବର୍ଷର 'ଶ୍ରୀନାଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଉତ୍ସବରେ ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦାସଙ୍କୁ ମାନପତ୍ର, ଟ୍ରଫି, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏଥିରେ କବି ଦୁର୍ଯ୍ୟୋଧନ କାଠୁଆ ସଭାପତିତ୍ୱ କରିଥିଲେ।। ସାହିତ୍ୟିକ ଡ. ବେଣୁଧର ଦାସ ମୁଖ୍ୟବକ୍ତା, ବ୍ୟଙ୍ଗକବି ସତ୍ୟାନାଶ, ବ୍ୟଙ୍ଗ ସମ୍ରାଟ ସମ୍ପଦ ରଥ, ଡ. ରମେଶ କୁମାର ମଲ୍ଲିକ, ସୁବାସ ଚନ୍ଦ୍ର ଶତପଥୀ, ପ୍ରଶାନ୍ତ କୁମାର ବାହିନୀପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ଦାସ ସାହିତ୍ୟ ପତ୍ରିକା ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଦାୟିତ୍ୱ ତୁଲାଇବା ସହ ବହୁ କବିତା ପୁସ୍ତକ ରଚନା କରିଛନ୍ତି। ତାଙ୍କ ସାହିତ୍ୟ କୃତି ପାଇଁ ସେ ବହୁ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ବହୁ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ବସନ୍ତ ମଞ୍ଜରୀ ଦାସଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

# ମାଛ ଦର ହ୍ରାସ, ତଥାପି ଆସୁନାହାନ୍ତି ଖାଉଟି

■କାର୍ତ୍ତିକ ମାସ ପାଇଁ କ୍ଷତିଗ୍ରସ୍ତ ବ୍ୟବସାୟୀ
■ଅନିୟମିତ ପାଣିପାଗ ଯୋଗୁ ଉତ୍ପାଦନ ହ୍ରାସ

ପାରାଦୀପ,୨୬।୧୦(ସ୍ୱ.ପ୍ର.)

ରାଜ୍ୟର ଅନ୍ୟତମ ବୃହତ ପାରାଦୀପ ମାଛଧରା ବନ୍ଦରରେ ଏବେ ମତ୍ସ୍ୟଜୀବୀ ଓ ମାଛ ବ୍ୟବସାୟୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। କାରଣ ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଅନେକ ଲୋକ ଆମିଷ ଖାଉନାହାନ୍ତି। ଫଳରେ ବର୍ତ୍ତମାନ କାତି ଜାତୀୟ ମାଛ ଓ ଡି ଏବଂ ସି ଶ୍ରେଣୀ ମାଛର ମୂଲ୍ୟ ଆଶାତିତ ଭାବେ ହ୍ରାସ ପାଇଛି। ସେହିପରି ପାଣିପାଗରେ ଅନିୟମିତତା ବା ଲଗାଣ ବର୍ଷା ଯୋଗୁ ମାଛ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଫଳରେ ବାହାରକୁ ଆଶାନୁରୂପ ମାଛ ପଠାଯାଇପାରୁନି। ତେଣୁ ବ୍ୟବସାୟ ଏକ ପ୍ରକାର ମାନ୍ଦା ରହିଛି।

ପ୍ରକାଶ ଯେ, ବର୍ଷର ଆଶ୍ୱିନ, କାର୍ତ୍ତିକ ଓ ମାର୍ଗଶୀର ମାସରେ ଅନ୍ୟଦିନ ଅପେକ୍ଷା ଅଧିକ ମାଛ ଉତ୍ପାଦନ ହୋଇଥାଏ। ୨୦୧୪ରୁ ପାରାଦୀପ ମାଛଧରା ବନ୍ଦରକୁ ଖୋଲାବଜାର ଘୋଷଣା କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସାମୁଦ୍ରିକ ମାଛର ମୂଲ୍ୟ କିଛି ମାତ୍ରାରେ ବୃଦ୍ଧି ପାଉଥିଲା। ଚଳିତବର୍ଷ ସେହି ଖୋଲା ବଜାର ବ୍ୟବସାୟୀଙ୍କ ମଧ୍ୟରେ ଅସହଯୋଗକୁ ମଧ୍ୟ କିଛି ମାତ୍ରାରେ ମାନ୍ଦା ଅବସ୍ଥା ପାଇଁ ଦାୟୀ କରାଯାଉଛି। ଗତବର୍ଷ ଅକ୍ଟୋବର ମାସରେ ମାଛର ମୂଲ୍ୟ ଯାହା ଥିଲା ଚଳିତବର୍ଷ ସେଥିରୁ ୩୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଶନିବାର ପାରାଦୀପ ମାଛଧରା ବନ୍ଦରରେ ଖୋଲା ବଜାର ବ୍ୟବସାୟୀ ଓ କେତେକ ମାଛଧରା ଟ୍ରଲର ମାଲିକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ପାଣିଆଖିଆ ମାଛର ମୂଲ୍ୟ କିଲୋ ପିଛା ୧୨୦ରୁ ୧୩୦ ଟଙ୍କା ଥିଲା। କିନ୍ତୁ ସମାନ ସାଇଜର ସେହି ପାଣିଆଖିଆ ମାଛର ମୂଲ୍ୟ ଶନିବାର ମାତ୍ର ୪୦ରୁ ୫୦ ଟଙ୍କା ରହିଛି। ସେହିପରି ବ୍ରାଉନ ଚିଙ୍ଗୁଡ଼ିର ମୂଲ୍ୟ ଗତବର୍ଷ ୩୮୦ରୁ ୪୦୦ ଟଙ୍କା ଥିବାବେଳେ ଏବେ ୨୮୦ରୁ ୩୦୦ ଟଙ୍କାରେ ବିକ୍ରି ହେଉଛି। ନାଲି ବୋରେଇ ମାଛ ମୂଲ୍ୟ ୧୨୦/୧୩୦ ହୋଇଥିଲେ ମଧ୍ୟ ଏବେ ୪୦ରୁ ୫୦ ଟଙ୍କା, ସମୁଦ୍ର କଙ୍କଡ଼ା ମୂଲ୍ୟ ୯୦/୧୦୦ ପରିବର୍ତ୍ତେ ଏବେ ୩୦/୪୦ ଟଙ୍କା ରହିଛି। କାତି ଜାତୀୟ ସି ଓ ଡି କ୍ଲାସ ମାଛ ମଧ୍ୟରେ ଚାନ୍ଦି, କଣ୍ଟାଚାନ୍ଦି, ଦାନ୍ତୁରା, ମୁସୁରା, ହରକୁରା, ମରୁଆ, ଭୁରଙ୍ଗ, ପାତି, ଲାଞ୍ଚି, କାଣ୍ଟି, ସୁର, ଟୁନା, କାଉ, ଚକାଆଖି, ବୋରେଇ ଆଦି ମାଛ ରହିଛି। ଏସବୁ ମାଛର ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ସେହିପରି ନାଲି ଚିଙ୍ଗୁଡିର ମୂଲ୍ୟ ଗତବର୍ଷ ୧୩୦ରୁ ୧୪୦ ଟଙ୍କା ଥିବାବେଳେ ଏବେ ମାତ୍ର ୮୦ରୁ ୯୦ ଟଙ୍କା ରହିଛି। କାର୍ତ୍ତିକ ବେହେରା ନାମକ ଟ୍ରଲର ମାଲିକ କୁହନ୍ତି, ମାଛ ଉତ୍ପାଦନ ଯେତେବେଳେ କମ୍ ରହେ ସେତେବେଳେ ବେପାରିମାନେ ମାଲିକଙ୍କ ପାଖରେ ନେହୁରା ହେଉଥିଲେ। ଏବେ ମାଛ ଉତ୍ପାଦନ ଅଧିକ ଥିବାରୁ ମାଲିକମାନେ ବେପାରୀଙ୍କ ପାଖରେ ନେହୁରା ହେଉଛନ୍ତି। ଏପରି ସ୍ଥିତିକୁ ଦେଖି ସେମାନେ ମାଛମୂଲ୍ୟ ହ୍ରାସ କରିଚାଲିଛନ୍ତି। ଲଘୁଚାପ ଯୋଗୁ ଅଧିକାଂଶ ଟ୍ରଲର ଅଧାରୁ ଫେରି ଆସୁଛି। ସେତେବେଳେ ସେମାନଙ୍କ ମାଛ ବିକିବା ପାଇଁ ବାଧ୍। ଏତେ ବଡ଼ ମାଛଧରା ବନ୍ଦରରେ ଶୀତଳଭଣ୍ଡାର ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ସେ କୁହନ୍ତି। ଏ ସମ୍ପର୍କରେ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କୁହନ୍ତି, ଶୀତଳ ଭଣ୍ଡାର ପାଇଁ ସରକାରୀସ୍ତରରେ ବିଚାରବିମର୍ଶ ଚାଲିଛି। ସେଥିପାଇଁ ଉପରିସ୍ତ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ବଜେଟ୍ ମଞ୍ଜୁର ହେଲେ ଯାହା କିଛି ହେବ। ମାଛ ମୂଲ୍ୟ ସାଧାରଣତଃ କାର୍ତ୍ତିକ ମାସରେ ହ୍ରାସ ପାଇଥାଏ। କିନ୍ତୁ ବିଦେଶକୁ ରପ୍ତାନୀଯୋଗ୍ୟ ମାଛ ମୂଲ୍ୟରେ ସେପରି ପ୍ରଭାବ ପଡ଼ିବ ନାହିଁ। ଆଉ ୧୫ ଦିନ ପରେ ଏ ସମସ୍ୟା ସୁଧୁରିଯିବ ବୋଲି ସେ କହିଛନ୍ତି।



ମାଛଧରା ବନ୍ଦରରେ ମାଛ ବିକ୍ରି ହେଉଛି।

### ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟରେ ଅବହେଳା

# ୨ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ,୨୬ା୧୦**

ଉନ୍ନୟନ କାର୍ଯ୍ୟରେ ଅବହେଳା, ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରିବା ଓ ଅଗ୍ରଗତି ନୈରାଶ୍ୟଜନକ ଯୋଗୁ ଗ୍ରାମ୍ୟ ନିର୍ମାଣ ବିଭାଗରେ କାର୍ଯ୍ୟରତ ୨ଜଣ ସ୍ପେସିଆଲ କ୍ଲାସ କଣ୍ଟ୍ରାକ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଏହି ମର୍ମରେ କଣ୍ଟ୍ରାକ୍ଟର ଶିବୁରାମ ପ୍ରସାଦ ମଲ୍ଲିକ ଓ ତପନ କୁମାର ସେଠୀଙ୍କୁ କାହିଁକି ସେମାନଙ୍କ କଣ୍ଟ୍ରାକ୍ଟ ଲାଇସେନ୍ସ ଟର୍ମିନେଟ କରା ନ ଯିବ ସେନେଇ ୭ଦିନ ମଧ୍ୟରେ ଆବଶ୍ୟକ ଉତ୍ତର ରଖିବାକୁ ଶୁକ୍ରବାର ନୋଟିସ ଜାରି ହୋଇଛି। ରିପୋର୍ଟ ଅନୁସାରେ କଣ୍ଟ୍ରାକ୍ଟର ସେଠୀଙ୍କୁ ୨୦୧୮-୧୯ ବର୍ଷରେ ଗରଧିଆରୁ ବଡିଟାଙ୍କି ରାସ୍ତା ଓ ଝୁମ୍ପୁରି ଠାରୁ ବଳଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ) ରାସ୍ତା ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି। ଚୁକ୍ତି ଅନୁସାରେ ପର୍ଯ୍ୟାୟକ୍ରମେ ୧୫।୧।୨୦୧୯ ଓ ୧୪।୭।୨୦୧୯ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। ହେଲେ ଏଯାଏ ଗରଧିଆ ଠାରୁ ବଡିଟାଙ୍କି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇନାହିଁ। ବିଭାଗପକ୍ଷରୁ ପୂର୍ବରୁ ଏନେଇ ୩ଥର ନୋଟିସ ଜାରି ହୋଇଛି। କିନ୍ତୁ କଣ୍ଟ୍ରାକ୍ଟର ସେଠୀ କୌଣସି ଭ୍ରୂକ୍ଷେପ କରି ନାହାନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ପିଏମ୍‌ଜିଏସ୍‌ୱାଇ ସୁବିଧାରୁ ବଞ୍ଚିତ ରହିଛନ୍ତି। ସେହିପରି ୨୦୧୭-୧୮ ବର୍ଷରେ ଠିକାଦାର ଶିବୁରାମପ୍ରସାଦ ମଲ୍ଲିକଙ୍କୁ କଳନାଳ ଉପରେ ସମସେରପୁର ବ୍ରିଜ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଚୁକ୍ତି ଅନୁସାରେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ୪।୧୨।୨୦୧୭ ଓ ୩।୬।୨୦୧୯ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ କାର୍ଯ୍ୟର ବ୍ୟୟ ଅଟକଳର ମାତ୍ର ୩୩ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏସଂକ୍ରାନ୍ତରେ ପୂର୍ବରୁ ବିଭାଗ ପକ୍ଷରୁ ୨ଥର ନୋଟିସ ଜାରି କରାଯାଇଛି । ହେଲେ ସମ୍ପୃକ୍ତ ଠିକାଦାର କାହାରିକୁ ଭ୍ରୂକ୍ଷେପ ନ କରି ମନମାନି କରି ଚାଲିଛନ୍ତି। ରାଜ୍ୟ ସରକାର ୫-ଟି ଆଇନକୁ ଏହି ଦୁଇ ଠିକାଦାର ଅମାନ୍ୟ କରିଛନ୍ତି। କୌଣସି ସରକାରୀ ତଳିଆ କର୍ମଚାରୀ କୌଣସି କାର୍ଯ୍ୟରେ ଅବହେଳା କଲେ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିନ୍ତୁ କୋଟି କୋଟି ଟଙ୍କାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ନ କରି ପକାଇ ରଖାଯାଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସଂପୃକ୍ତ ଠିକାଦାରମାନଙ୍କ ମନମାନି ବଢି ଚାଲିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ବ୍ୟୟଅଟକଳ ଅନୁସାରେ ଯେକୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ନ କଲେ ସମ୍ପୃକ୍ତ ଠିକାଦାରଙ୍କୁ ଯଦି କଳା ତାଲିକାଭୁକ୍ତ କରାଯିବ ତେବେ କାର୍ଯ୍ୟରେ ତତ୍ପରତା ଆସିବ ବୋଲି ମତପ୍ରକାଶ ପାଇଛି। କିନ୍ତୁ ଏଠାରେ ନିର୍ମାଣ ବିଭାଗ ପକ୍ଷରୁ କେବଳ କାରଣ ଦର୍ଶାଅ ନୋଟିସରେ ସୀମିତ ରହୁଥିବାରୁ କାହାରିକୁ ଠିକାଦାରମାନେ ଭ୍ରୂକ୍ଷେପ କରୁ ନ ଥିବା ମନେ ହେଉଛି । ତେବେ ଗ୍ରାମ୍ୟ ନିର୍ମାଣ ବିଭାଗର ଏହି କାରଣ ଦର୍ଶାଅ ନୋଟିସ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ତାଙ୍କ ପତ୍ରସଂଖ୍ୟା ୩୭୯୮ ଓ ୩୭୯୫/୨୫।୧୦।୨୦୧୯ରେ କାରଣ ଦର୍ଶାଅ ନୋଟିସରେ ଉତ୍ତର ରଖିବାକୁ ୭ ଦିନ ସମୟ ଦେଇଛନ୍ତି। ନଚେତ ନିୟମ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦର୍ଶାଇଛନ୍ତି ।




### ଚାକିରି ପ୍ରଲୋଭନ ଦେଖାଇ ଠକୁଥିବା ଅଭିଯୋଗ

# ଜେଲ ଗଲେ ୨ ଯୁବକ

**ଯାଜପୁର ରୋଡ,୨୬ା୧୦(ନି.ପ୍ର)**

ଯାଜପୁର ରୋଡସ୍ଥିତ ଫେରୋକ୍ରୋମ କାରଖାନାରେ ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ଠକି ଚାଲିଥିବା ୨ଜଣ ଯୁବକଙ୍କୁ ଶନିବାର ଯାଜପୁର ରୋଡ଼ ପୋଲିସ ଗିରଫ କରି ଯାଜପୁର ରୋଡ କୋର୍ଟକୁ ଚାଲାଣ କରାଯାଇଥିଲା। ସେମାନେ ହେଲେ ବିହାରର ସୋନୁ କୁମାର ଓ ଝାଡ଼ଖଣ୍ଡ ସିଂହଭୂମି ଅଞ୍ଚଳର ସମୀର ବଂଶାରୀ। ସେଠାରେ ତାଙ୍କ ଜାମିନ୍ ନାମଞ୍ଜୁର କରିଦିଆଯିବାରୁ ସେମାନଙ୍କୁ ଯାଜପୁର ରୋଡ ଉପକାରାଗାରକୁ ପଠାଇ ଦିଆଯାଇଛି। ବାଲେଶ୍ୱର ରାଇବଣିଆ ଅଞ୍ଚଳର ସୁଜିତ୍ କୁମାର ବେହେରା ନାମକ ଯୁବକଙ୍କଠାରୁ ସେମାନେ ୨୦ ହଜାର ଟଙ୍କା ନେଇ ଚାକିରି କରାଇ ଦେବାକୁ କହି ଡାକିଥିଲେ। ତାଙ୍କର ସନ୍ଦେହ ହେବାରୁ ସେ ଏ ସମ୍ପର୍କରେ ଯାଜପୁର ରୋଡ ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (୩୫୦/୧୯) ରୁଜୁ କରି ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଶନିବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୂଚନା ଯେ, ଏମାନେ ବିଭିନ୍ନ କମ୍ପାନୀରେ ଜିନିଷ ସେଲ୍ କରିଥାନ୍ତି। ଯୁବକଙ୍କୁ ଇମ୍ପା ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଚାକିରି କରାଇ ଦେବାକୁ କହି ପ୍ରଥମେ ୧୦୦୦ ଟଙ୍କା ନେଇ ଫର୍ମ ଫିଲପ୍ କରି ଯୁବକଙ୍କୁ ଠକୁଥିଲେ ।

### ଫେସ୍‌ବୁକ୍ ଆଇଡିରେ ମହିଳା ଜନପ୍ରତିନିଧିଙ୍କ ଅଶ୍ଳୀଳ ଫଟୋ ଭାଇରାଲ

# ନାବାଳକ ଥାନାରେ ଅଟକ

**ରସୁଲପୁର,୨୬ା୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର ଜଣେ ମହିଳା ଜନପ୍ରତିନିଧିଙ୍କ ଫେସ୍‌ବୁକ୍‌ରେ ନଗ୍ନ ଫଟୋ ଛାଡ଼ିବା ସହ ଅଶ୍ଳୀଳ ମନ୍ତବ୍ୟ ମାନ ଦେବା ଅଭିଯୋଗରେ ଶନିବାର ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିଛି। ଫଟୋ ଓ ଅଶ୍ଳୀଳ ମନ୍ତବ୍ୟ ବ୍ଲକ ଅଞ୍ଚଳରେ ବିଭିନ୍ନ ମୋବାଇଲରେ ଦେଖିବାକୁ ମିଳିବା ପରେ ସମ୍ପୃକ୍ତ ଜନପ୍ରତିନିଧିଙ୍କ ସ୍ୱାମୀ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସମ୍ପର୍କରେ ଥାନାରେ ଏକ ମାମଲା( ନଂ-୨୫୮/୧୯) ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାର ତଦନ୍ତ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କରୁଛନ୍ତି।

ଘଟଣାରୁ ପ୍ରକାଶ ଯେ, ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଜନୈକା ମହିଳା ଜନପ୍ରତିନିଧିଙ୍କ ଅଶ୍ଳୀଳ ଫଟୋ ମୋବାଇଲରୁ ମୋବାଇଲକୁ ଘୁରି ବୁଲିଥିଲା। ଏପରି କି ଉକ୍ତ ଫଟୋ ଓ ମନ୍ତବ୍ୟ ସମ୍ପୃକ୍ତା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ନାଁରେ ଖୋଲାଯାଇଥିବା ଏକ ଆଇଡିରୁ ଆସିଥିଲା। ସ୍ୱାମୀଙ୍କ ଆଇଡିରୁ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ମତାମତ ଆସିଥିବା ଖବର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏନେଇ ଜନପ୍ରତିନିଧିଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ ଦେବାପରେ ଏହା ଏକ ଫେକ୍ ଆଇଡି ବୋଲି ଜଣାପଡିଥିଲା। ଶନିବାର ଘଟଣାର ତଦନ୍ତ ସମୟରେ ପୋଲିସ ଏହି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ଜାଣିବା ପାଇଁ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରିରଖିଛି। ଅଭିଯୁକ୍ତ ଜଣକ ଜଣେ କଲେଜ ଛାତ୍ର ବୋଲି ପୋଲିସ ଜାଣିବାକୁ ପାଇଛି ।

## ୧୮୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ମୋହନା,୨୬ା୧୦(ଡି.ଏନ୍.ଏ.)**

ମୋହନା ପୋଲିସ ଚୋରା ଚାଲାଣବେଳେ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭାଲିଆଗୋଛା ଗ୍ରାମର ଥୋମାସ ନାହାକ। ମୋହନା ଏସ୍‌ଆଇ ହେମନ୍ତ ସେଠୀ ସଦଳବଳ ପାଟ୍ରୋଲିଂ କରୁଥିବାବେଳେ ଭୋରରେ ଜଣେ ବ୍ୟକ୍ତି ରାସ୍ତା କଡରେ ଛିଡା ହୋଇଥିବା ଦେଖିଥିଲେ। ତାଙ୍କୁ ପଚରାଉଚରାବେଳେ ନିକଟରେ ଏକ ବୁଦା ମୂଳରେ ଜରିବସ୍ତା ପଡିଥିବା ଦେଖିଥିଲେ। ସନ୍ଦେହ ହେବାରୁ ପୋଲିସ ବସ୍ତାଗୁଡିକ ଯାଞ୍ଚ କରିଥିଲା। ସେଥିରେ ଗଞ୍ଜେଇ ଥିବା ଜଣା ପଡିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି ଥାନାକୁ ନେଇଥିଲେ। ବସ୍ତାଗୁଡିକ ଓଜନ ପରେ ଏଥିରେ ୧୮୦ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ନଂ.୧୮୯/୧୯ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୬ ଟନ୍ ଚୋରା କୋଇଲା ସହ ହାଇୱା ଜବତ

**ବାସୁଦେବପୁର,୨୬ା୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ଚାଚେରି ଛକ ନିକଟରୁ ବାସୁଦେବପୁର ଥାନା ପୋଲିସ ୬ ଟନ ଚୋରା କୋଇଲା ଭର୍ତ୍ତି ୨ଟି ହାଇୱା ଜବତ କରିଛି। ଏଥିସହ ୨ ଗାଡ଼ିର ଡ୍ରାଇଭର ଧାମନଗର କଙ୍କିରା ଗ୍ରାମର ସୁମନ୍ତ ଖଟୁଆ ଓ ଭାଗପୁର ଗ୍ରାମର ରତିକାନ୍ତ ବାରିକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ମାମଲା (ନଂ.୩୯୧/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ଧାମରା ଅଞ୍ଚଳରୁ ଏହି ଚୋରା କୋଇଲା ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଖବର ପାଇ ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି, ଏଏସ୍‌ଆଇ ବିନୋଦ ବିହାରୀ ହେମ୍ବ୍ରମ ସଦଳବଳ ଚଢ଼ାଉ କରି ଗାଡ଼ିକୁ ଜବତ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଅକ୍ଟୋବର, ୨୦୧୯



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ,
କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ



## ସଂକ୍ଷେପରେ

### ପଞ୍ଚକ, କାର୍ତ୍ତିକ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ
## ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୬।୧୦:** ଆଗକୁ ଆସୁଛି ପଞ୍ଚକ ଏବଂ କାର୍ତ୍ତିକ ପୂର୍ଣ୍ଣିମା। ପଞ୍ଚକ ୫ଦିନ ମହାପ୍ରଭୁଙ୍କର ବିଭିନ୍ନ ବେଶ କରାଯିବ। ଏହି ବେଶ ଦର୍ଶନ ଲାଗି ପ୍ରତ୍ୟହ ଲକ୍ଷାଧିକ ଭକ୍ତଙ୍କ ଗହଳି ହେବ। ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ସମୁଦ୍ରରେ ଡଙ୍ଗା ଭସାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ତେଣୁ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଗୁରୁବାର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସେବାୟତ ନିଯୋଗ କର୍ମକର୍ତ୍ତାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ନୀତିକାନ୍ତି ଯେପରି ଠିକ୍ ସମୟରେ ହେବ, ମହାପ୍ରସାଦ ଧାର୍ଯ୍ୟ ସମୟରେ ବାହାରିବ ଏବଂ ପଞ୍ଚକରେ ଠାକୁରଙ୍କ ବେଶ ନିର୍ଘଣ୍ଟ ସମୟରେ କରାଯିବା ଉପରେ ମୁଖ୍ୟ ପ୍ରଶାସକ ଗୁରୁତ୍ୱ ଦେଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଦୀପାବଳି ଅମାବାସ୍ୟା ନେଇ ମଧ ବୈଠକରେ ଆଲୋଚନା ହୋଇଥିଲା।

## ଶିଶୁ ବାଟିକା ପକ୍ଷରୁ ଆଲୋଚନା ଚକ୍ର

**ପୁରୀ ଅଫିସ,୨୬।୧୦:** ଘୋଡାବଜାରସ୍ଥ ସରସ୍ୱତୀ ଶିଶୁ ମନ୍ଦିର ଆନୁକୂଲ୍ୟରେ ଶନିବାର ଶିଶୁ ବାଟିକା ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ରୋଗ ବିଶେଷଜ୍ଞ ଡା. ସଙ୍ଗୀତା ପୃଷ୍ଟି ମୁଖ୍ୟ ଅତିଥି ଓ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର ସଙ୍ଗଠନ ସମ୍ପାଦକ ଡ. ସରୋଜ କୁମାର ହାତୀ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ପୂର୍ବ ପ୍ରାନ୍ତ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ତପନ ରଞ୍ଜନ ଦାସ, ସହକ୍ଷେତ୍ର ଶିଶୁ ବାଟିକା ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ, ବଳଭଦ୍ର ପୂଜାପଣ୍ଡା, ପ୍ରଭାତ ଚନ୍ଦ୍ର ରଥ, ପି. ସୁଜାତା ଦୋରା, ସୁକାନ୍ତ ମହାନ୍ତି, ମାନସ ପଣ୍ଡା, ଚଣ୍ଡେଶ୍ୱର ମହାପାତ୍ର, ଡ. ପ୍ରଭାକର ତ୍ରିପାଠୀ, ପ୍ରଫେସର ସୌମେନ୍ଦ୍ର ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡା,୨୬।୧୦(ସ୍ୱ.ପ୍ର.):** ଖଣ୍ଡପଡା ସହର ଡ଼ାକ୍ତରଖାନା ଛକର ବାସିନ୍ଦା ତଥା ଧର୍ମପରାୟଣା ମହିଳା ସୁରେଖା ସାହୁ(୬୩)ଙ୍କର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ସ୍ଥାନୀୟ ଟିଙ୍କଟୁଆ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଦେବାଶିଷ ସାହୁ ମୁଖାଗ୍ନି ଦେଇଥିଲେ।

### ଆବାସ ଗୃହ ଯୋଜନା ପ୍ରହସନ ପାଲଟିଛି
# ଘର ପାଇଁ ବାରଦୁଆର ବୁଲି ମହିଳା ନିରାଶ

**ନୂଆଗାଁ,୨୬।୧୦(ଡି.ଏନ.ଏ.)**

ଜରିପାଲ ତଳେ ଦିନ କାଟୁଥିବା ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଗୃହ ଖଣ୍ଡିଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିନେଇ ବାର ଦୁଆର ବୁଲି ଶେଷରେ ନିରାଶ ହୋଇଛନ୍ତି ପରିବାରର ମୁଖ୍ୟ ଜଣେ ବିଧବା ମହିଳା । ଏପରି ଘଟଣା ଘଟିଛି ନୟାଗଡ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମର ସୁଷମା ପ୍ରଧାନଙ୍କ କ୍ଷେତ୍ରରେ।

କାଣିଗିରି ଗ୍ରାମର ସୁଷମାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ପ୍ରଧାନ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ସ୍ୱଳ୍ପ ଆୟରେ ନିଜ ପୁଅ ଝିଅ ଓ ସ୍ତ୍ରୀଙ୍କୁ ନେଇ ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ପାଠ ପଢାଇବାରେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଏ । ଫଳରେ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘରଟିଏ ନିର୍ମାଣ କରି ପାରି ନଥିଲେ । ଦୁର୍ଯ୍ୟୋଧନଙ୍କ କିଡନୀ ଖରାପ ହୋଇଯିବାରୁ ଧାର କରଜ କରି ଚିକିତ୍ସିତ ହୋଇଥିଲେ ମଧ୍ୟ ଭଲ ହୋଇ ପାରି ନଥିଲେ । ୬ବର୍ଷ ତଳେ ସେ ସମସ୍ତଙ୍କୁ ଦୁଃଖରେ ଭସାଇ ଆରପାରିକୁ ଚାଲିଗଲେ। ସେହି ଦିନ ଠାରୁ ଦୀର୍ଘ ୬ ବର୍ଷ ହେଲା ବହୁ କଷ୍ଟରେ ଝିଅ , ପୁଅଙ୍କୁ ଧରି ସୁଷମା ପରିବାର ପ୍ରତିପୋଷଣ କରୁଛନ୍ତି। ଚାଳ ଘରଟିକୁ ଛପର କରି ନ ପାରି ସେଥିରେ ଜରିପାଲ ପକାଇ ରହିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେତିକି ପାଇଁ ତାଙ୍କ ପାଖରେ ସମ୍ବଳ ବି ନାହିଁ । ସରକାର ପ୍ରତି ଚାଳ ଘର ଥିବା ଲୋକଙ୍କୁ ପକ୍କାଘର ଦେବାର ଯୋଜନା କରିଥିବା ବେଳେ ସେଥିରେ ନିଜକୁ ସାମିଲ କରି ଘରଟିଏ ପାଇବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତା, ବିଧାୟକଙ୍କୁ ଗୁହାରି କରିଥିଲେ ସୁଷମା। ହେଲେ ତାଙ୍କୁ କୌଣସି ସୁଫଳ ମିଳିଲା ନାହିଁ । କିଛି ନେତା ୨୦ ହଜାର ଟଙ୍କା ନେଲେ ଘର କରାଇ ଦେବେ ବୋଲି କହୁଥିଲା ବେଳେ ତାହା ଦେବାକୁ ସେ ଅସମର୍ଥ ବୋଲି କହିଛନ୍ତି ସୁଷମା । ଘର ଖଣ୍ଡିଏ ପାଇଁ ୨୦ ହଜାର ଟଙ୍କା ମାଗୁଥିବା ବିଷୟରେ ସେ ପୂର୍ବତନ ଜିଲାପାଳଙ୍କୁ ନୟାଗଡଠାରେ ଜୁଲାଇ ୨୯ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିଲେ ମଧ୍ୟ ତାହା ତଦନ୍ତରେ ଅଟକି ରହିଲା । ଶେଷରେ ତାଲିକାରେ ନାଁ ନ ଥିବାରୁ ଘର ଦିଆ ଯିବ ନାହିଁ ବୋଲି ନିରାଶ ବାଣୀ ଶୁଣାଇଦେଲେ ବ୍ଲକ ଅଧିକାରୀ। ଚାକିରି କରିଥିବା ଲୋକ, ଛାତ ଘର ଥିବା ଓ ଥରେ ଆବାସ ଯୋଜନାରେ ଘର ପାଇଥିବା ଲୋକଙ୍କୁ ନୂଆଗାଁ ବ୍ଲକରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଉଥିବା ବେଳେ ସୁଷମାଙ୍କ କ୍ଷେତ୍ରରେ ସେମାନେ ଆଖିବୁଜି ଦେଇଛନ୍ତି। ବାରମ୍ବାର ବ୍ଲକ , ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡିବା ଓ ବିଧାୟକଙ୍କୁ ଗୁହାରି କରିବାରେ ସୁଫଳ ନ ମିଳିବାରୁ ନିରାଶ ହୋଇ ଏଣିକି ଖୋଲାରେ ପଡି ମରିବୁ ସିନା କାହାରିକୁ ଗୁହାରି କରିବୁ ନାହିଁ ବୋଲି କ୍ଷୋଭର ସହ କହିଛନ୍ତି ସୁଷମା । ଏ ବିଷୟରେ ମାଇଛେଳି କାର୍ଯ୍ୟ ନିର୍ବାହୀ ଅଧିକାରୀ ତୁଷାରକାନ୍ତ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ସୁଷମାଙ୍କ ନାଁ ତାଲିକାରେ ନ ଥିବାରୁ ଆମେ ନୂତନ ଭାବେ ତାଙ୍କ ନାମ ଯୋଗ କରିଛୁ । ପର୍ଯ୍ୟାୟକ୍ରମେ ଖୁବ ଶିଘ୍ର ଦେବା ପାଇଁ ଚେଷ୍ଟା କରୁଛୁ । ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କ ସହ ଯୋଗାଯୋଗ ପାଇଁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।



ପଲିଥିନ୍ ଛପର ଘର ଆଗରେ ସୁଷମାଙ୍କ ପରିବାର।

## ଲକ୍ଷ୍ୟ ସ୍ଥିର ରଖି କର୍ମ କଲେ ସଫଳତା ମିଳେ

**ପୁରୀ ଅଫିସ, ୨୬।୧୦**

ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଶନିବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଲକ୍ଷ୍ୟ ସ୍ଥିର ରଖି କର୍ମ କଲେ ସଫଳତା ମିଳିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ ଏବଂ ସମ୍ମାନିତ ଅତିଥି ଭାବେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା, ପୂର୍ବତନ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ପଣ୍ଡା, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନମିତା ବେହେରା, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ରତ୍ନାକର ବେହେରା, ମୃଷା ମଲ୍ଲିକ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଗଣିଆରେ ଭାଜପାର ଜନ ପରାମର୍ଶ ପଦଯାତ୍ରା





ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ ।

**ଗଣିଆ,୨୬।୧୦(ଡି.ଏନ.ଏ.)**

ମହାତ୍ମାଗାନ୍ଧୀଙ୍କର ସର୍ବୋଦୟ ବିଚାରଧାରା ଲକ୍ଷ୍ୟ ନେଇ ଭାଜପା ପକ୍ଷରୁ ଶନିବାର ଗଣିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନ ପରାମର୍ଶ ପଦଯାତ୍ରା କରାଯାଇଥିଲା । ଭାଜପାର ନେତା ଓ କର୍ମୀମାନେ ହାତରେ ଜାତୀୟ ପତାକା ଓ ଦଳୀୟ ପତାକା ଧରି ଗାଁ ଗାଁ ବୁଲି ଗାନ୍ଧୀଙ୍କ ବିଚାରଧାରା ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ମୋଦି ସରକାରଙ୍କ ଉଜ୍ଜଳା, ସ୍ୱଚ୍ଛ ଭାରତ ଅଭିଯାନର ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଆୟୁଷ୍ମାନ ଯୋଜନା ଆଦି ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ । ଏଥିସହ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ମୁକ୍ତ, ଜଳ ସଂରକ୍ଷଣ ଓ ଜନ ସଂଖ୍ୟା ନିୟନ୍ତ୍ରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ। ଆୟୋଜିତ ଏହି ସଙ୍କଳ୍ପ ଯାତ୍ରାରେ ପୂର୍ବତନ ଏମପି ତଥା ଭାଜପା ନେତା ଖାରବେଳ ସ୍ୱାଇଁ , ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଭାଜପା ଜିଲା ସଭାପତି ସନ୍ୟାସୀ ନାୟକ, ପୂର୍ବତନ ସଭାପତି ପ୍ରଶନ୍ନ କୁମାର ଦାଶ ଓ ଗଣିଆ ବ୍ଲକ ଭାଜପା ଦଳର ଯୁବକର୍ମୀ ଫକୀର ମୋହନ ଡାକୁଆଙ୍କ ସମେତ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ । ପ୍ରଥମେ ଗଣିଆ ଗାନ୍ଧୀ ବଜାରଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଙ୍କଳ୍ପ ଯାତ୍ରା ଆରମ୍ଭ କରିଥିଲେ । ଏହି ଯାତ୍ରା ଗଣିଆ ଠାରୁ ଆରମ୍ଭ କରି ବେଳପଡା ପାଟଣା, ରାସଙ୍ଗ ଓ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।

## ଶିକ୍ଷକ, ଶିକ୍ଷାୟତନର ସମସ୍ୟା ନେଇ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ, ୨୬।୧୦**

ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ନେଇ ଖୋର୍ଦ୍ଧା ଟାଉନହଲ ସମ୍ମିଳନୀ କକ୍ଷରେ ଶନିବାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମିଳିତ ଶିକ୍ଷକ ସଂଘ ସଭାପତି ଗୌରହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଡ. ଗଣେଶ୍ୱର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବାନ୍ ଶ୍ରୀଚନ୍ଦନ ବକ୍ତାରୂପେ ଯୋଗ ଦେଇଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ଶିକ୍ଷକ ନେତା ପ୍ରସନ୍ନ କୁମାର ମହାପାତ୍ର ଉପସ୍ଥାପନ କରିଥିଲେ। ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଓଷ୍ଟାର ସାଧାରଣ ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ସଙ୍ଗଠନ ସମ୍ପାଦକ ପ୍ରମୋଦ ଭଞ୍ଜ ବିଭିନ୍ନ ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ଉପରେ ଟିପ୍ପଣି ରଖିଥିଲେ। ଇତ୍ୟାବସରେ ଖୋର୍ଦ୍ଧା ଜିଲା ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଚପଳା ପଣ୍ଡା, ଦୀନବନ୍ଧୁ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲଗାଣ ବର୍ଷାରେ ଭୁଶୁଡିଲା ଘର

**ନୂଆଗାଁ,୨୬।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକରେ ତିନିଦିନ ଧରି ଲଗାଣ ବର୍ଷା ହେବା ଫଳରେ ବହୁ କ୍ଷୟକ୍ଷତି ହୋଇଛି। ଅନେକ ଗରିବ ଲୋକଙ୍କ ଚାଳକୁଡିଆ ଭୁଷୁଡି ପଡିଥିବାର ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ତିନିଦିନ ଧରି ଲଗାଣ ବର୍ଷା ଫଳରେ ବହୁ ଧାନ ଜମିରେ ବର୍ଷା ପାଣି ଜମି ରହିବା ସହ ଫସଲ ନଷ୍ଟ ହୋଇଛି। ବହୁ ଘର ଭୁଷୁଡି ପଡିଛି। ମାଳିସାହି ପଞ୍ଚାୟତ ଗୁଡୁପାଙ୍ଗି ଗ୍ରାମର କୈଳାଶ ବେହେରା, ବଳଭଦ୍ର ପାଟଶାଣୀ, ଦେଉଳିର ଶରତ ପ୍ରଧାନ, ଖଙ୍ଗୁରିର ହାଡୁ ମଣ୍ଡଳ, ସାନମହରାର ନବ ବେହେରା ଓ ମାଳିସାହି ଗ୍ରାମର ମଡି ନାହକଙ୍କ ଘର ଲଗାଣ ବର୍ଷାରେ ଭୁଷୁଡି ପଡିଥିବା ଅଭିଯୋଗ ହୋଇଛି ।



ବର୍ଷାରେ ଭୁଶୁଡି ପଡିଥିବା ଘର।

## ଖଣ୍ଡପଡାରେ ନବ ନିର୍ମାଣ କୃଷକ ସଂଗଠନର ବୈଠକ

**ଖଣ୍ଡପଡା,୨୬।୧୦(ସ୍ୱ.ପ୍ର.)**

ରାଜ୍ୟ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖଣ୍ଡପଡା ଉମାଦେବୀ ମନ୍ଦିର ପରିସରରେ ଶନିବାର ଏକ ବୈଠକ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଆବାହନ କ୍ରମେ ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱରଠାରେ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡାଠାରେ ଉକ୍ତ ବୈଠକର ଆୟୋଜନ କରାଯାଇଥିବା ଜଣାପଡିଛି । ବୈଠକରେ ଖଣ୍ଡପଡା ସହରାଞ୍ଚଳ ସମେତ ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ଶହେରୁ ଉର୍ଦ୍ଧ୍ୱ କୃଷକ ଯୋଗଦେଇଥିଲେ । ଦୀର୍ଘ ୨୦ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ନବୀନ ସରକାର କୃଷକମାନଙ୍କ ସ୍ୱାର୍ଥ ବିରୋଧୀ ବୋଲି କୃଷକ ନେତାମାନେ ଅଭିଯୋଗ କରି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ଚାଷୀମାନଙ୍କୁ ସମ୍ମାନ ଓ ପେନସନ ପ୍ରଦାନ କରିବା, ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରିବା ଦାବି ନେଇ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ସଙ୍ଗଠନ ପକ୍ଷରୁ ସଂଗ୍ରାମ ଜାରି ରହିଥିଲେ ହେଁ ରାଜ୍ୟ ସରକାର ନାର୍ଯ୍ୟ ଦାବିପ୍ରତି ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ଏ ନେଇ କୃଷକ ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ କୃଷକମାନଙ୍କ ସମସ୍ୟାର ସମାଧାନ ଦିଗରେ ରାଜ୍ୟସରକାର ଉଦାସୀନତା ପ୍ରକାଶ କରିଥିବାରୁ ସମସ୍ୟାର ସମାଧାନ ଦାବିରେ ଆଗାମୀ ଦିନରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଗଠନର ସହ ସଂଯୋଜିକା ମମତା ନାଥ, କୃଷକ ନେତା ବାସୁଦେବ ସାହୁ, ଶ୍ୟାମ ସୁନ୍ଦର ନାୟକ, ଅଲେଖ ମହାନ୍ତି, ପ୍ରତାପ ରାଉତ, କାହ୍ନୁ ଗୋଚ୍ଛି, ପଦି ସାହୁ ପ୍ରମୁଖ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ନିରଞ୍ଜନ ସ୍ୱାଇଁ, ବିପିନ ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୃଷକନେତାମାନେ ମତ ରଖିଥିଲେ।

## ପୁଣି ୫ ପରିବାର ଜମି ହସ୍ତାନ୍ତର କଲେ

**ପୁରୀ ଅଫିସ,୨୬।୧୦:** ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଜାରି ରହିଛି। ଗତ ୨୧ ତାରିଖରେ ପ୍ରଥମକରି ୫ ପରିବାର ସରକାରଙ୍କୁ ପ୍ରତ୍ୟକ୍ଷ ଜମି ବିକିଥିବାବେଳେ ୨୨ତାରିଖରେ ୬ ପରିବାର ଏଥିରେ ସାମିଲ ହୋଇଥିଲେ। ଶୁକ୍ରବାର ପୁଣି ୫ ପରିବାର ପ୍ରଶାସନ ସହ ଜମି ବିକ୍ରି କବଲା (ସେଲ୍ ଡିଡ୍) କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ପରିବାରକୁ ସେମାନଙ୍କ ଜମି ଓ କୋଠା ମୂଲ୍ୟ ବାଦ୍ କେବଳ ପୁନର୍ବାସ ଓ ଥଇଥାନ ସହାୟତା ବାବଦରେ ୧୮କୋଟି ୫୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶତକଡ଼ା ୧୦ ପ୍ରତିଶତ ଅଧିକ ସହ ଏହି ଟଙ୍କା ବିସ୍ଥାପିତ ହେବାକୁ ଥିବା ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି।

ସୂଚନା ମୁତାବକ, ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏହି ସେଲ୍ ଡିଡ୍ କରାଯାଇଛି। ବାସେଳିସାହି ଓ ମଣିକର୍ଣ୍ଣିକା ସାହିର ୫ ପରିବାର ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଜମି ହସ୍ତାନ୍ତର କରିଛନ୍ତି। ସମ୍ପୃକ୍ତ ପରିବାର ଗୁଡ଼ିକର ଜମି ଓ କୋଠା ମୂଲ୍ୟ ବାବଦରେ କେତେ ଟଙ୍କା କ୍ଷତିପୂରଣ ପାଇଛନ୍ତି ତାହା ଜଣାପଡ଼ି ନ ଥିବାବେଳେ କେବଳ ପୁନର୍ବାସ ଓ ଥଇଥାନ ଯୋଜନାରେ ଏକକାଳୀନ ସହାୟତା ରାଶି ୩୦ ଲକ୍ଷ ଲେଖାଏ ମୋଟ ୧୮କୋଟି ୫୧ଲକ୍ଷ ଟଙ୍କା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୬ ପରିବାର ସିଧାସଳଖ ଜମି ବିକ୍ରି କରି କ୍ଷତିପୂରଣ ସହାୟତା ପାଇଛନ୍ତି। ଆହୁରି ୬୫ ପରିବାର ସହମତିରେ ପ୍ରଶାସନକୁ ଜମି ଦେବାକୁ କରିଥିବା ଆବେଦନର କାଗଜପତ୍ର ଯାଞ୍ଚ ଚାଲିଛି ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି।

### ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘ କର୍ମକର୍ତ୍ତା ନିର୍ବାଚନ
## ଆକାଶ ସଭାପତି, ନିରଞ୍ଜନ ସାଧାରଣ ସମ୍ପାଦକ

**ପୁରୀ ଅଫିସ, ୨୬।୧୦**

ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘର ୨୪ତମ ରାଜ୍ୟସ୍ତରୀୟ ତ୍ରୟବାର୍ଷିକୀ ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ ଶନିବାର ସ୍ଥାନୀୟ ଡିଆର୍‌ଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆକାଶ ରଞ୍ଜନ ରଥ ସଭାପତି, ନିରଞ୍ଜନ ବଳ ସାଧାରଣ ସମ୍ପାଦକ ଓ ହାୟଦ୍ ଖାଁ ଅଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। କୋଷାଧ୍ୟକ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ଭାବେ ମହାଦେବ ପଟ୍ଟନାୟକ, ନରୋତ୍ତମ ସାହୁ, ସୁଦର୍ଶନ ମାହାନା, ପ୍ରଭାସ ମହାପାତ୍ର ଓ ଈଶ୍ୱର ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସାଙ୍ଗଠନିକ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ଧଳସାମନ୍ତ, ପ୍ରଭାତ କୁମାର ବେବର୍ତ୍ତା, ବାଉରୀବନ୍ଧୁ ପୃଷ୍ଟି, ଅମୂଲ୍ୟ କୁମାର ପରିଜା, ଯୁଗ୍ମ ସମ୍ପାଦକ ଭାବେ ମନୋଜ କୁମାର ଦାସ, ସୂର୍ଯ୍ୟନାରାୟଣ ପଣ୍ଡା, ଅନ୍ତର୍ଯ୍ୟାମୀ ଚାଲାଣ, ଗୌରାଙ୍ଗ ଚରଣ ରାଉତ, ଆଞ୍ଚଳିକ ସମ୍ପାଦକ ଭାବେ ମହସିନ୍ ବକ୍ସ, ପ୍ରଫୁଲ୍ଲ ସେଠ୍, ଦଇତାରୀ ରଣସିଂ, ସମୀକ୍ଷକ ଭାବେ ସତ୍ୟନାରାୟଣ ପଟ୍ଟନାୟକ, ବିଦ୍ୟାଧର ବଳିୟାର ସିଂ ଏବଂ ଉପଦେଷ୍ଟା ଭାବେ ଭିକାରୀ ଚରଣ ଦାଶ, ପ୍ରଭାକର ବେହେରା ଓ ଅବ୍‌ଦୁଲ ରହମାନ ମନୋନୀତ ହୋଇଛନ୍ତି।



ମୋଟର କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

## ଧାନ ଗଜା ହେଲା, ବ୍ୟାପକ ଫସଲ ନଷ୍ଟ ଆଶଙ୍କା

**ପୁରୀ ଅଫିସ,କୃଷ୍ଣପ୍ରସାଦ/ବ୍ରହ୍ମଗିରି, (ଡି.ଏନ.ଏ.)୨୬।୧୦**

### ପବନ ହୋଇଥିଲେ ଅଧିକ କ୍ଷତି ହୋଇଥାନ୍ତା: କୃଷି ଉପନିର୍ଦ୍ଦେଶକ

**ପୁରୀ ଜିଲା**

ଲଘୁଚାପଜନିତ ବର୍ଷାରେ ପୁରୀ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପିପିଲି, ସତ୍ୟବାଦୀ, କଣାସ ଆଦି ବ୍ଲକରେ ଧାନଜମିରେ ପାଣିରେ ଭର୍ତ୍ତି ହୋଇଯାଇଛି। ଗର୍ଭଣା ଧାନ ପାଣିରେ ବୁଡ଼ିରହିଛି। କେତେକ ବ୍ଲକରେ ପାଚିଲା ଧାନ ପାଣିରେ ବୁଡ଼ି ରହିଥିବାବେଳେ କୃଷ୍ଣପ୍ରସାଦ ବ୍ଲକରେ ଜମିରେ ଧାନ ଗଜା ହୋଇଯାଇଛି। ଅଧିକାଂଶ ଜମିରେ ଧାନ ଥୋଡ କାଢୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲାରେ ବ୍ୟାପକ ପନିପରିବା ମଧ ନଷ୍ଟ ହୋଇଛି।

ପୁରୀ ଜିଲାର ସବୁ ଅଞ୍ଚଳରେ ଲଘୁଚାପ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ତେବେ କୃଷ୍ଣପ୍ରସାଦ ବ୍ଲକରେ ଅଧିକ ମାତ୍ରାରେ ବର୍ଷା ହୋଇଥିଲା। କୃଷ୍ଣପ୍ରସାଦ ବ୍ଲକର କୃଷି ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ଚଳିତବର୍ଷ ବ୍ଲକରେ ୬,୬୮୫ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଏଥିରୁ ୩ହଜାର ହେକ୍ଟର ଜମି ଜଳମଗ୍ନ ହୋଇଯାଇଛି। ବ୍ଲକର ମାଲୁଦ, ରାମଲେଙ୍କା ଓ ବୁଧିବର ପଞ୍ଚାୟତର ପ୍ରାୟ ୨୫୦ ହେକ୍ଟର ଜମିରେ ଧାନ ଗଜା ହୋଇଛି। ଏହି ଜମିରେ ବଟର ଧାନ କରାଯାଇଥିଲା। ପୂର୍ବରୁ ଚାଷୀଙ୍କୁ ଏହି ଧାନ ଚାଷ ନ କରିବା ପାଇଁ କୁହାଯାଇଥିଲା। କାରଣ ବଟର ଧାନରେ ପାଣି ବାଜିଲେ ଏହା ଗଜା ହେବା ସମ୍ଭାବନା ଅଧିକ ଥାଏ। କାର୍ତ୍ତିକ ମାସରେ ଲଘୁଚାପ ଆଶଙ୍କା ରହୁଥିବାରୁ ଚାଷୀଙ୍କୁ ଏହି ଧାନ ଚାଷ ପାଇଁ ବାରଣ କରାଯାଇଥିଲା। କିନ୍ତୁ ଏହା ଅଧିକ ଅମଳ ହେଉ ଥିବାରୁ ଚାଷୀମାନେ ଏହି ଧାନ କରିଛନ୍ତି ବୋଲି ବ୍ଲକ କୃଷି ଅଧିକାରୀ କହିଥିଲେ।

ସେହିପରି ବ୍ରହ୍ମଗିରି ବ୍ଲକରେ ମଧ ବ୍ୟାପକ ଜମି ଜଳମଗ୍ନ ହୋଇଛି। ବ୍ରହ୍ମଗିରି, ତଳମାଳ, ରେବଣା, କପିଳେଶ୍ୱରପୁର ଓ ରାହାଡ଼ମଲ୍ଲ ପ୍ରଭୃତି ପଞ୍ଚାୟତରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ବ୍ରହ୍ମଗିରି ପଞ୍ଚାୟତ ସାନବନ୍ଧକେରା ଗାଁର ଚାଷୀ ସୁକାନ୍ତ ନାୟକ କହିଛନ୍ତି, ଚଳିତବର୍ଷ ସେ ପ୍ରାୟ ୭ ଏକର ଜମିରେ ଧାନ ଚାଷ କରିଛନ୍ତି। ତାଙ୍କ ଧାନ ପାଚିବା ଅବସ୍ଥାକୁ ଚାଲିଆସିଥିଲା। ହେଲେ ଅମଳ ସମୟରେ ବର୍ଷା ଯୋଗୁ ଜମି ବୁଡ଼ିଯାଇଛି। ଦିନେ ଦୁଇଦିନ ମଧ୍ୟରେ ପାଣି ନ ଛାଡ଼ିଲେ ଧାନ ନଷ୍ଟ ହେବ। ଅନ୍ୟପକ୍ଷରେ ବ୍ଲକ କୃଷି ଅଧିକାରୀ ସଚ୍ଚିଦାନନ୍ଦ ଦାଶ କହିଛନ୍ତି, ଚଳିତବର୍ଷ ବ୍ଲକରେ ୩,୨୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ତନ୍ମଧ୍ୟରୁ ପ୍ରାୟ ୮୦୦ ହେକ୍ଟର ଜମି ଜଳମଗ୍ନ ହୋଇଛି। କେତେ ଜମିରେ ଧାନଚାଷ ନଷ୍ଟ ହୋଇଛି ତାହା ଦିନେ ଦୁଇଦିନ ମଧ୍ୟରେ ଜଣାପଡ଼ିବ। ଅନୁରୂପ ଭାବେ ସତ୍ୟବାଦୀ ବ୍ଲକର ପ୍ରାୟ ୧୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଏଥିମଧ୍ୟରୁ ଶତକଡ଼ା ୬୦ ପ୍ରତିଶତ ଜମି ଜଳମଗ୍ନ ହୋଇଛି। ବିଦ୍ୟାଧରପୁର, ସାରଙ୍ଗଯୋଡ଼ି, ବଳପୁର, କେତକୀପାଟଣା, ରାୟଖଣ୍ଡି ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗାଁରେ ପନିପରିବା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଜିଲାର କଣାସ, ପୁରୀ ସଦର, ପିପିଲି, ନିମାପଡ଼ା, କାକଟପୁର ଏବଂ ଅସ୍ତରଙ୍ଗ ବ୍ଲକର ଚାଷଜମି ମଧ ପାଣିରେ ବୁଡ଼ିରହିଛି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଚନ୍ଦ୍ରଶେଖର ରାଓ କହିଛନ୍ତି, ବର୍ତ୍ତମାନ ଧାନ ଗର୍ଭଧାରଣ ସମୟ। ଏହି ସମୟରେ ପାଣିର ଆବଶ୍ୟକତା ରହିଥିଲା। ଜିଲାର ପ୍ରାୟ ୬୦ଭାଗ ଖାଲୁଆ ଜମି। ଏଥିରେ ଚାଷୀମାନେ ବଡ଼ ଧାନ କରିଥାନ୍ତି। ଯଦି ବର୍ଷା ସାଙ୍ଗକୁ ପବନ ହୋଇଥାନ୍ତା ତେବେ ଅଧିକ ପରିମାଣରେ ଧାନଫସଲ କ୍ଷତି ହୋଇଥାନ୍ତା। କେତେକ ଖାଲୁଆ ଜମିରେ ପାଣି ଜମି ରହିଛି। ଧୀରେ ଧୀରେ ଏହା ନିଷ୍କାସନ ହେବାରେ ଲାଗିଛି। ଦିନେ ଦୁଇଦିନ ମଧ୍ୟରେ ପାଣି ଛାଡ଼ିଯିବ। ତଥାପି କେତେକ ବ୍ଲକରେ ଧାନ ଚାଷ ନଷ୍ଟ ହୋଇଥିବା ଖବର ପହଞ୍ଚିଛି। ବ୍ଲକର କୃଷି ଅଧିକାରୀମାନେ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ପରଖୁଛନ୍ତି। କୃଷ୍ଣପ୍ରସାଦ ବ୍ଲକରେ କିଛି ପରିମାଣରେ ଧାନ କ୍ଷତି ହୋଇଛି। ତେବେ ସୋମବାର ସୁଦ୍ଧା କ୍ଷୟକ୍ଷତିର ପରିମାଣ ସ୍ପଷ୍ଟ ହେବ ବୋଲି ଉପନିର୍ଦ୍ଦେଶକ ରାଓ କହିଛନ୍ତି।